## ସଂକ୍ଷେପରେ

### ୨ ଲକ୍ଷ ଟଙ୍କା ଠକେଇ, ଯୁବକ ଗିରଫ

**ବ୍ରହ୍ମପୁର ଅଫିସ,୨୪।୪:** ପିଭିଏସ କ୍ରେଡିଟ ସର୍ଭିସ୍ ସଂସ୍ଥାର ଜଣେ ଏଜେଣ୍ଟ ପି.କୁଶୀଲ କୁମାର (୩୨)ଙ୍କୁ ଟାଉନ ଥାନା ପୋଲିସ ବୁଧବାର ଗିରଫ କରିଛି। ସଂସ୍ଥାଠାରୁ ଋଣ ନେଇ ଗାଡ଼ି କିଣୁଥିବା ହିତାଧିକାରୀଙ୍କଠାରୁ ଅଭିଯୁକ୍ତ ଜଣକ ୨ ଲକ୍ଷ ଟଙ୍କା ଆଦାୟ କରି ସଂସ୍ଥାରେ ଜମା କରି ନ ଥିବା ଅଭିଯୋଗ ପରେ କୁଶୀଲ କୁମାରଙ୍କୁ ଗିରଫ କରାଯାଇଛି ବୋଲି ଥାନାଧିକାରୀ ସନ୍ତୋଷିନୀ ଓରାମ ସୂଚନା ଦେଇଛନ୍ତି । ନଂ. ୯୮/୧୯ ଧାରା ୪୨୦/୪୦୮/୫୦୬ ଅନୁସାରେ ଅଭିଯୁକ୍ତ କୁଶୀଲଙ୍କୁ ବୁଧବାର କୋର୍ଟଚାଲାଣ କରାଯାଇଥିବା ପୋଲିସ କହିଛି। ଜାମିନ ନାମଞ୍ଜୁର ପରେ ଅଭିଯୁକ୍ତଙ୍କୁ ବିଚାର ବିଭାଗ ହାଜତକୁ ପଠାଇ ଦିଆଯାଇଛି ।
ପ୍ରକାଶ ଯେ, ଗାନ୍ଧୀନଗର ସାଇ କମ୍ପ୍ଲେକ୍ସ ନିକଟରେ ପିଭିଏସ କ୍ରେଡିଟ୍ ସର୍ଭିସ ସଂସ୍ଥା ରହିଛି । ଯେଉଁ ହିତାଧିକାରୀମାନେ ଲୋନ ଜରିଆରେ ଗାଡ଼ି କିଣିବାକୁ ଇଚ୍ଛୁକ ରହିଥାନ୍ତି ସେମାନେ ସେହି ସଂସ୍ଥାରୁ ଋଣ ନେଇଥାନ୍ତି । ପରେ ସଂସ୍ଥାର ଏଜେଣ୍ଟ ଉକ୍ତ ହିତାଧିକାରୀଙ୍କଠାରୁ ଚୁକ୍ତି ଅନୁସାରେ ଟଙ୍କା ସଂଗ୍ରହ କରି ଆଣି ସଂସ୍ଥାରେ ଜମା କରନ୍ତି । ଉକ୍ତ ସଂସ୍ଥାରେ ବଡ଼ବଜାର ଥାନା ଅନ୍ତର୍ଗତ ମଙ୍ଗଳବାରମପେଟ୍ଟାର ପି. କୁଶୀଲ କୁମାର ଏଜେଣ୍ଟ ଭାବେ କାମ କରୁଥିଲେ । କିଛିମାସ ପୂର୍ବେ ସେ ବିଭିନ୍ନ ଠକେଇରେ ସମ୍ପୃକ୍ତ ଥିବାରୁ ତାଙ୍କ ସଂସ୍ଥା କାମରୁ ହଟାଇ ଦେଇଥିଲା । ହେଲେ ସେ କୌଶଳକ୍ରମେ ହିତାଧିକାରୀମାନଙ୍କ ପାଖକୁ ଯାଇ ୨ ଲକ୍ଷ ଟଙ୍କା ସଂଗ୍ରହ କରିଥିଲେ । କିନ୍ତୁ ଉକ୍ତ ଟଙ୍କା ସେ ସଂସ୍ଥାରେ ଜମା ନ କରି ଠକେଇ କରିଥିଲେ । ଏହା ଜଣାପଡ଼ିବା ପରେ ସଂସ୍ଥାର ମ୍ୟାନେଜର ସୁରଜ କୁମାର ପଟ୍ଟନାୟକ ଗତ ୨୨ ତାରିଖରେ ଟାଉନ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ଅନୁସନ୍ଧାନ କରି ଅଭିଯୁକ୍ତ ପି. କୁଶିଲ କୁମାରଙ୍କୁ ଗିରଫ କରିଥିଲା ।

### ପ୍ରୋସେସ୍ ସର୍ଭରଙ୍କ ପରିବାରକୁ ୫୦ ହଜାର ସହାୟତା ନିଷ୍ପତ୍ତି

**ବ୍ରହ୍ମପୁର ଅଫିସ,୨୪।୪:** ବିଷକ୍ରିୟାରେ ମଙ୍ଗଳବାର ଚିକିତ୍ସାଧୀନ ଥିବା ଖଲ୍ଲିକୋର୍ଟ କୋର୍ଟର ପ୍ରୋସେସ ସର୍ଭର(ସମନ ନେବା ଆଣିବା କର୍ମଚାରୀ) ରବୀନ୍ଦ୍ର ନାଥ ପଣ୍ଡାଙ୍କର ଏମ୍‌କେସିଜି ମେଡିକାଲରେ ମୃତ୍ୟୁ ଘଟିଥିଲା। ଏହାକୁ ନେଇ ବୁଧବାର ଗଞ୍ଜାମ ଜିଲା ଦୌରାଜଜ୍ ବିଭୁ ପ୍ରସାଦ ରାଉତରାୟଙ୍କ ଅଧକ୍ଷତାରେ କୋର୍ଟରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଠସମସ୍ତ ବିଚାର ବିଭାଗ ଅଧିକାରୀ ଓ କର୍ମଚାରୀବୃନ୍ଦ ପଣ୍ଡାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ । ପରେ ସେମାନେ ଦେଇଥିବା ଆର୍ଥିକ ସହାୟତା ୫୦ ହଜାର ଟଙ୍କା ତାଙ୍କ ସ୍ତ୍ରୀଙ୍କୁ ପ୍ରଦାନ କରିବାକୁ ନିଷ୍ପତ୍ତି ହୋଇଥିଲା। ସିଭିଲ ରେଜିଷ୍ଟ୍ରାର ଏସ୍‌କେ ସେଠ, ଏଡିଜେ-୨ ଦୀପକ କୁମାର ଓ କର୍ମଚାରୀ ସଂଘ ନେତା ଗୋପୀନାଥ ପଣ୍ଡା, ସିରୋସ୍ତାଦାର ସର୍ବାନନ୍ଦ ବେହେରା, ଜୟଦେବ ସାହୁ ଓ ଅଜିତ ମହାନ୍ତି ଏଥିରେ ଅଂଶଗ୍ରହଣ କରିଥିଲେ ।


ମାନସିକଧାରୀଙ୍କ ଅଘୋରୀ ବେଶ।


କେଦାରେଶ୍ୱର ରୋଡର କଳାକୁଞ୍ଜ।


ଗୁଡବଜାର କଳାକୁଞ୍ଜ।


ବାଲୁଙ୍କେଶ୍ୱର ଛକର ଶ୍ୟାମାକାଳୀ କଳାକୁଞ୍ଜ ଉନ୍ମୋଚନ ପରେ ମା'ଙ୍କ ଘଟ ଫେରୁଛନ୍ତି।

# ଯାତ୍ରା ଦାଣ୍ଡକୁ ଆସିଲା ନାରାୟଣ, ଶ୍ରୀକୃଷ୍ଣ, ମହାଦେବ ରଥ

**ବ୍ରହ୍ମପୁର ଅଫିସ,୨୪।୪**




ବ୍ରହ୍ମପୁର ମା' ବୁଢୀଠାକୁରାଣୀଙ୍କ ଦ୍ୱିବାର୍ଷିକ ଯାତ୍ରା ଆଉ ୫ ଦିନ ପରେ ଶେଷ ହେବ। ଆସନ୍ତା ୨୯ରେ ଠାକୁରାଣୀ ବାପ ଘର ଲୀଳା ସାରି ନିଜସ୍ୱ ମନ୍ଦିରକୁ ବାହୁଡିବେ । ତେଣୁ ଏବେ ଅସ୍ଥାୟୀ ପୀଠରେ ଜମୁଛି ପର୍ଯ୍ୟଟକ, ଶ୍ରଦ୍ଧାଳୁଙ୍କ ଭିଡ । ଖରାସତ୍ତ୍ୱେ ଦେଶୀବେହେରା ସାହିରେ ନିଜ ମାନସିକ ପୂରଣ ତଥା ମା'ଙ୍କ କୃପା ଲାଭ ପାଇଁ ପର୍ଯ୍ୟଟକଙ୍କ ଭିଡ ଜମୁଛି । ଦର୍ଶକ ତଥା ପର୍ଯ୍ୟଟକଙ୍କ ଆକୃଷ୍ଟ କରୁଛି ବିଭିନ୍ନ ସାହି ରଥ, କଳାକୁଞ୍ଜ, ଆଲୋକ ସଜ୍ଜା । ଯାତ୍ରା ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାରୁ ଏବେ ବିଭିନ୍ନ ସାହି ପକ୍ଷରୁ ଦଳଗତ ବେଶ ପର୍ଯ୍ୟଟକ, ଶ୍ରଦ୍ଧାଳୁଙ୍କ ମନ୍ତ୍ରମୁଗ୍ଧ କରୁଛି । ଇତିମଧ୍ୟରେ ଦଲୁଆ ସାହିର ଗୁରୁନାନକ ବେଶ, ତୁଳସୀନଗରର ୧୧ ବାଘ ଓ ୫୧ ହନୁମାନ ବେଶ ସହ ଛୋଡ ଗାଜିଆ, ପିଲାଖାଇ ଡାହାଣୀ ଭଳି ବହୁ ବେଶଧାରୀ ଯାତ୍ରା ଦାଣ୍ଡରେ ପର୍ଯ୍ୟଟକଙ୍କ ମନୋରଞ୍ଜନ କରୁଥିବା ବେଳେ ଗୁରୁବାର ଯାତ୍ରା ଦାଣ୍ଡକୁ ଓହ୍ଲାଇବ ବହୁ ପ୍ରାଚୀନ ବିଜିପୁରର ଲଣ୍ଡା ବେଶ । ୨୫୦ରୁ ଊର୍ଦ୍ଧ୍ୱ ମାନସିକଧାରୀଙ୍କୁ ନେଇ ଆୟୋଜିତ ଏହି ଲଣ୍ଡାବେଶ ଯାତ୍ରାର ଅନ୍ୟତମ ଆକର୍ଷଣ ହେବା ସହ ଗୁରୁବାର ଏହା ପର୍ଯ୍ୟଟକଙ୍କ ମନୋରଞ୍ଜନର ଅନ୍ୟତମ କେନ୍ଦ୍ରବିନ୍ଦୁ ସାଜିବ ବୋଲି ଚର୍ଚ୍ଚା ହୋଇଛି ।

ବୁଧବାର ମା'ଙ୍କ ଯାତ୍ରା ୨୬ ଦିନରେ ପହଞ୍ଚିଥିବା ବେଳେ ପରମ୍ପରା ଅନୁସାରେ ସମସ୍ତ ରଥ ଓ କଳାକୁଞ୍ଜ ଯାତ୍ରା ଦାଣ୍ଡକୁ ଆସିଛି । ଫଳରେ ଯାତ୍ରା ଏବେ ବେଶ ଜମୁଛି । ବୁଧବାର ସନ୍ଧ୍ୟା ଆଳତି ପରେ ୧୬ ସାହିରେ ମା'ଙ୍କ ଘଟ ପରିକ୍ରମା ଅନୁଷ୍ଠିତ ହୋଇଥିଲା । ମା'ଙ୍କ ଘଟ ଶୋଭାଯାତ୍ରା ପ୍ରଥମେ ଅସ୍ଥାୟୀ ପୀଠରୁ ବାହାରି ରାଜବାଟୀକୁ ଯାଇଥିଲା । ରାଜା ଅଶୋକ କୁମାର ନରେନ୍ଦ୍ର ଦେବ ରାଜବାଟୀରେ ମା'ଙ୍କ ପୂଜାର୍ଚ୍ଚନା କରିଥିଲେ । ଏହାପରେ ଘଟ ଶୋଭାଯାତ୍ରା ସାଆନ୍ତରାଣୀ ସାହି ଦେଇ ମାର୍ଥାପେଟା ସାହିକୁ ଯାଇଥିଲା । ସେଠାରେ ନାରାୟଣ ମୂର୍ତ୍ତି ରଥକୁ ମା' ଉନ୍ମୋଚନ କରିଥିଲେ । ପରେ ଲାଲା ସାହି, ଭୂତସାହି, ନୂଆସାହି, ବନ୍ଧସାହି, କପିଳେଶ୍ୱର ପେଟା, ବିରକାଷ୍ଟ୍ରିଟ, ଭେଙ୍କେଟଶ୍ୱର ରୋଡ, ପାକଲ ୱାରି ଷ୍ଟ୍ରିଟ, ବାଦିବାରି ସାହି, ମାଲାସାନି ପେଟା, କାଞ୍ଚୱାରି ସାହି ଓ ଆଦମଜି ଲେନ ପ୍ରମୁଖ ସହିରେ ମା'ଙ୍କ ଘଟ ପରିକ୍ରମା କରିଥିଲା । ମା' ଦେବକୀ ମୁଖ୍ୟ ଘଟ ଓ ଡେରା ସମ୍ପ୍ରଦାୟର ସେନାପତିଙ୍କ ସ୍ତ୍ରୀମାନେ ଅନ୍ୟ ୮ ପାର୍ଶ୍ୱ ଘଟକୁ ମୁଣ୍ଡାଇଥିଲେ । ଘଟ ପରିକ୍ରମା ବେଳେ ଗୌଡ ସାହିର ଶ୍ରୀକୃଷ୍ଣ ରଥ, ବାଲାଜୀ ପେଣ୍ଠ ସାହିର ମହାଦେବ ରଥକୁ ମା' ଉନ୍ମୋଚନ କରି ଶ୍ରଦ୍ଧାଳୁଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଥିଲେ। ପରେ ମା'ଙ୍କ ଘଟ ଶୋଭାଯାତ୍ରା ନଡିଆ ବଜାର ଦେଇ ଅସ୍ଥାୟୀ ପୀଠକୁ ବହୁଡିଥିଲା। ଉପରୋକ୍ତ ସାହି ପରିକ୍ରମା ବେଳେ ମହିଳାମାନେ ଘର ଦୁଆରେ ଜଳକୁମ୍ଭ ରଖିବା ସହ ମୁଖ୍ୟଘଟଧାରୀଙ୍କ ପାଦରେ ହଳଦୀ ଓ କର୍ପୂର ମିଶା ପାଣି ଢାଳିଥିଲେ ।

- ୧୬ ସାହିରେ ଘଟ ପରିକ୍ରମା
- ଆଜି ବାହାରିବ ବିଜିପୁର ଲଣ୍ଡାବେଶ
- ୨୫୦ ଲଣ୍ଡାବେଶଧାରୀଙ୍କ ଧ୍ୱନିରେ କମ୍ପିବ ସହର


ବଡରେଡିକା ସାହିର କାମଧେନୁ ରଥ।


ଗ୍ରୀଷ୍ମ ପ୍ରବାହ ଯୋଗୁ ପକ୍ଷୀମାନେ ପାଣି ପାଇଁ ହଇରାଣ ହୁଅନ୍ତି । ବ୍ରହ୍ମପୁର ସହରର ଦୁଇଜଣ ଯୁବ ପରିବେଶ କର୍ମୀ ଗୋପାଳ ରେଡ୍ଡୀ ଏବଂ ସଞ୍ଜୟ ପଣ୍ଡା ଗାନ୍ଧୀନଗରରେ ଥିବା ଗଛଗୁଡ଼ିକରେ ପକ୍ଷୀଙ୍କ ପାଇଁ ପାନୀୟ ଜଳ ବ୍ୟବସ୍ଥା କରୁଛନ୍ତି ।

■ ବୁଢୀଠାକୁରାଣୀ ଯାତ୍ରାରେ ହୋର୍ଡିଂକୁ ନେଇ ଅସନ୍ତୋଷ

## ବ୍ୟବସାୟୀ ସଂଘ, ଯାତ୍ରା ପରିଚାଳକ ତୁତୁ ମେମେ

**ବ୍ରହ୍ମପୁର ଅଫିସ,୨୪।୪**

ବୁଢୀଠାକୁରାଣୀ ଯାତ୍ରା ଶେଷ ହେବାକୁ ଥିବା ବେଳେ ହୋର୍ଡିଂକୁ ନେଇ ଆୟୋଜକ ଦୁର୍ଗା ପ୍ରସାଦ ଦେଶୀବେହେରା ଓ ଦେଶୀବେହେରା ସାହିବଣିଜସଂଘ ମଧ୍ୟରେ ବୁଧବାର ତୁତୁ ମେମେ ଦେଖାଦେଇଛି। ଯାତ୍ରାସ୍ଥଳରେ ଦେଶୀବେହେରା ସାହି ବଣିଜ ସଂଘ ପକ୍ଷରୁ ନିର୍ମିତ ଛାମୁଣ୍ଡିଆରେ ଲଗାଯାଇଥିବା ବିଜ୍ଞାପନ ହୋର୍ଡିଂକୁ ନେଇ ଉଭୟଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

ଯାତ୍ରାସ୍ଥଳକୁ ଆଚ୍ଛାଦିତ କରିବା ନେଇ ଦେଶୀବେହେରା ସାହି ବଣିକ ସଂଘ, ବ୍ରହ୍ମପୁର ବ୍ୟବସାୟୀ ମହାସଂଘ ପକ୍ଷରୁ ଛାମୁଣ୍ଡିଆ ନିର୍ମାଣ ହୋଇଛି। ଏହି ଛାମୁଣ୍ଡିଆରେ ପ୍ରଶାସନ ନିୟମକୁ ବେଖାତିର କରି ବ୍ୟବସାୟୀ ସଂଘ ବିଜ୍ଞାପନ ହୋର୍ଡିଂ ମାରିଥିବା ଅଭିଯୋଗ ହୋଇଛି । ଯାତ୍ରା ଆୟୋଜକ ପି. ଦୁର୍ଗା ପ୍ରସାଦ ଦେଶୀବେହେରା ବିଏମ୍‌ସି କମିଶନର ଚକ୍ରବର୍ତ୍ତୀ ସିଂ ରାଠୋରଙ୍କ ନିକଟରେ ଅଭିଯୋଗ କରିଥିଲେ । ଯାତ୍ରାରେ ମା'ଙ୍କ ଅସ୍ଥାୟୀ ପୀଠଠାରୁ ୧୦୦ ମିଟର ଅଞ୍ଚଳ ମଧ୍ୟରେ ବିଜ୍ଞାପନ ହୋର୍ଡିଂ ଲଗାଇବା ଉପରେ କଟକଣା ଲଗାଯିବାକୁ ପୂର୍ବରୁ ଉପଜିଲାପାଳ, ଜିଲାପାଳଙ୍କ ସମେତ କମିଶନରଙ୍କୁ ଅବଗତ କରାଯାଇଛି। ଏହାସତ୍ତ୍ୱେ ବ୍ୟବସାୟୀ ସଂଘ ବେଖାତିର କରୁଥିବା ଦେଶୀବେହେରା ଅଭିଯୋଗ କରିଛନ୍ତି । ଅନ୍ୟପଟରେ ଅଭିଯୋଗ ପରେ ବୁଧବାର ସନ୍ଧ୍ୟାରେ କମିଶନରଙ୍କ ନିର୍ଦ୍ଦେଶକ୍ରମେ ବିଏମ୍‌ସିର ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ ରଞ୍ଜିତ ପାତ୍ର ଯାତ୍ରାସ୍ଥଳରେ ପହଞ୍ଚି ଅଭିଯୋଗର ସତ୍ୟାସତ୍ୟ ଯାଞ୍ଚ କରିଥିଲେ। ତେବେ ଯାଞ୍ଚ ବେଳେ ବ୍ୟବସାୟୀ ସଂଘ ପ୍ରଶାସନର ନିୟମ ପାଳନ କରିଥିବା ପାତ୍ର କହିଛନ୍ତି। ଅନ୍ୟପଟେ ଏହାକୁ ନେଇ ବ୍ୟବସାୟୀ ସଂଘ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ପ୍ରତିକ୍ରିୟାରେ ଦେଶୀବେହେରା ବ୍ୟବସାୟୀ ସଂଘ ସାଧାରଣ ସମ୍ପାଦକ ରବୀନ୍ଦ୍ର ସାହୁ କହିଛନ୍ତି, ବିଗତ ୪୦ ବର୍ଷ ଧରି ୨୦ଟି ଯାତ୍ରା ହେଲା ବେଳେ ଅସ୍ଥାୟୀ ମଣ୍ଡପର କୌଣସି ସମସ୍ୟା ନ ଘଟାଇ ବିଜ୍ଞାପନ ହୋର୍ଡିଂ ଲଗାଯାଉଛି । ହୋର୍ଡିଂ ପାଇଁବିଏମ୍‌ସିର ଅନୁମତିସହ ପ୍ରତିଯାତ୍ରାରେ ହୋର୍ଡିଂ ଲଗାଯାଉଛି । ବିଜ୍ଞାପନରୁ ସଂଗ୍ରହ ଅର୍ଥ ସହ ଦେଶୀବେହେରା ସାହି ବଣିକ ସଂଘ, ବ୍ରହ୍ମପୁର ବ୍ୟବସାୟୀ ମହାସଂଘ ନିଜସ୍ୱ ଅର୍ଥ ବିନିଯୋଗ କରି ଛାମୁଣ୍ଡିଆ ସହ ଯାତ୍ରାସ୍ଥଳରେ ଆଲୋକୀକରଣ, ଶ୍ରଦ୍ଧାଳୁଙ୍କ ସୁବିଧା, ଖାଦ୍ୟ, ପଣା ବଣ୍ଟନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ଆୟୋଜନ କରିଆସୁଛି। ଯାତ୍ରାରେ ପ୍ରଶାସନର ନିୟମ ପ୍ରକାରେ ମା'ଙ୍କ ଅସ୍ଥାୟୀ ଆସ୍ଥାନର ୧୦୦ ଫୁଟ ପରେ ହିଁ ବିଜ୍ଞାପନ ହୋର୍ଡିଂ ଲଗାଯାଇଛି' ଏନେଇ ସଂଘ ସହ ଆଲୋଚନା କରି କମିଶନର ମଧ ଏଥିପାଇଁ ଅନୁମତି ଦେଇଥିବା ସାଧାରଣ ସମ୍ପାଦକ ସାହୁ କହିଛନ୍ତି। ଏଥିସହ ବିଜ୍ଞାପନ ଲଗାଉଥିବା ସଂସ୍ଥା ମଧ ଏନେଇ ବିଏମ୍‌ସିକୁ ଟ୍ୟାକ୍ସ ବାନ୍ଧୁଥିବା ସେ ସୂଚାଇଛନ୍ତି ।

## ନିଃସ୍ୱଙ୍କ ସେବାରେ ଜେଜେଜିଓ

**ବ୍ରହ୍ମପୁର ଅଫିସ,୨୪।୪**

ଜୟ ଜଗନ୍ନାଥ ଗ୍ରୁପ ଓଡ଼ିଶା (ଜେଜେଜିଓ) ତରଫରୁ ନିଃସ୍ୱ ଏବଂ ନିରାଶ୍ରୟଙ୍କୁ ସେବା ପ୍ରଦାନ କରାଯାଉଛି। ରାସ୍ତା କଡ଼ରେ ଏଣେତେଣେ ବୁଲୁଥିବା ମାନସିକ ବିକୃତ, ବିକଳାଙ୍ଗ ଏବଂ ଯାହାର କେହି ଆତ୍ମୀୟ ସ୍ୱଜନ ନାହାନ୍ତି, ସେମାନଙ୍କୁ ସହାୟତା ଦିଆଯାଉଛି । ରାସ୍ତା କଡରେ ବର୍ଷ ବର୍ଷ ଧରି ପଡିରହିଥିବା ମାନସିକ ଭିନ୍ନକ୍ଷମ ଲୋକଙ୍କ ଦାଢ଼ି, ଚୁଟି ଓ ନଖ କାଟିବା ସହିତ ସେମାନଙ୍କୁ ଗାଧୋଇ ଦେଇ ନୂଆ ପୋଷାକ ଦିଆଯାଉଛି। ଏଥି ସହ ପ୍ରାଥମିକ ଚିକିତ୍ସା ପ୍ରଦାନ କରାଯାଉଛି। ଅସହାୟ, ନିରାଶ୍ରୟ ଲୋକଙ୍କୁ ଚପଲ, ଛତା, ପ୍ୟାଣ୍ଟ, ଶାର୍ଟ, ଲୁଙ୍ଗି, ଟାୱେଲ୍ ଦିଆଯିବା ସହ ଖାଦ୍ୟ ମଧ୍ୟ ଦିଆଯାଉଛି । ରାସ୍ତା କଡରେ ଧୂଳି ଧୂସର ହୋଇପଡି ରହୁଥିବା ଅସହାୟ ଲୋକମାନଙ୍କୁ ଅନେକ ଘୃଣା ଦୃଷ୍ଟିରେ ଦେଖିଥାନ୍ତି। ସେମାନଙ୍କ ମଇଳା ଲୁଗା, ଦାଢୀ ଚୁଟିକୁ ଦେଖି କିଛି ଲୋକ ଦୂରେଇ ରୁହନ୍ତି । ସେମାନେ ବି ଅନ୍ୟମାନଙ୍କ ଭଳି ମଣିଷ । ଏହି ଉଦ୍ଦେଶ୍ୟ ନେଇ ଜୟ ଜଗନ୍ନାଥ ଗ୍ରୁପ ଓଡ଼ିଶା ପକ୍ଷରୁ ଏହି ସେବା କାର୍ଯ୍ୟକ୍ରମ ଚାଲୁଛି । ବ୍ରହ୍ମପୁର ପୂର୍ବରୁ ଏହି କାର୍ଯ୍ୟକ୍ରମ କଟକ, ଭୁବନେଶ୍ୱର, ପୁରୀ, କେନ୍ଦ୍ରାପଡା, ଅନୁଗୋଳ, ଜଗତସିଂହପୁର, କଳାହାଣ୍ଡି, ବରଗଡ, ଢେଙ୍କାନାଳ ଓ ଯାଜପୁରରେ ଅନୁଷ୍ଠିତ ହୋଇଯାଇଛି । ଓଡିଶାର ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ଗ୍ରୁପ ପ୍ରତିଷ୍ଠାତା ତଥା ମୁଖ୍ୟ ବ୍ୟବସ୍ଥାପକ ଶିବ ଶଙ୍କର ଦାଶ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ରାଜେନ୍ଦ୍ର କୁମାର ପାତ୍ର, ଦାମୋଦର ବେହେରା, ସନ୍ଦୀପ ମିଶ୍ର, ଅଭିଜିତ ଜେନା, ଯଶପାଲ୍ ପଟ୍ଟନାୟକ, ରଞ୍ଜନା ମିଶ୍ର ଏବଂ ମମତା ପାତ୍ର ପ୍ରମୁଖ ଭାଗ ନେଇଥିଲେ ।


ଜଣେ ଅସହାୟ ବ୍ୟକ୍ତିଙ୍କ ସେବା କରାଯାଉଛି ।

# ମରଣ ଫାଶରୁ ମୁକୁଳୁଛି ଗଞ୍ଜାମ ଜିଲା

**ବ୍ରହ୍ମପୁର ଅଫିସ,୨୪।୪**

ଏକଦା ମ୍ୟାଲେରିଆ ପ୍ରବଣ ଜିଲା ଭାବେ ଦୁର୍ନାମ ମୁଣ୍ଡାଇଥିବା ଗଞ୍ଜାମ ଜିଲାରେ ଏବେ ସ୍ଥିତି ସୁଧୁରିବାରେ ଲାଗିଛି। ବର୍ଷକୁ ବର୍ଷ ଆକ୍ରାନ୍ତଙ୍କ ସଂଖ୍ୟା କମୁଛି । ସେହିପରି ଆକ୍ରାନ୍ତଙ୍କ ସହ କମୁଛି ମୃତକଙ୍କ ସଂଖ୍ୟା। ମ୍ୟାଲେରିଆର ମରଣ ଫାଶରୁ ମୁକୁଳିବାରେ ଲାଗିଛି ଗଞ୍ଜାମ ଜିଲା। ଏହାକୁ ନେଇ ସ୍ୱାସ୍ଥ୍ୟ ବିଭାଗ ଉତ୍ସାହିତ ହେଉଥିବା ବେଳେ ଦୁର୍ଗମ ଏବଂ ପାହାଡ଼ିଆ ଅଞ୍ଚଳରେ ଅବସ୍ଥା ବର୍ତ୍ତମାନ ସୁଧୁରିନି। ସ୍ଥିତି ସାଂଘାତିକ। ବ୍ୟାପିବାରେ ଲାଗିଛି ମ୍ୟାଲେରିଆ। ଯାହାକୁ ନେଇ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରୁଛି ସ୍ୱାସ୍ଥ୍ୟ ବିଭାଗ। ମ୍ୟାଲେରିଆ ପ୍ରବଣ ଅଞ୍ଚଳଗୁଡ଼ିକକୁ ସ୍ୱତନ୍ତ୍ର ଧ୍ୟାନ ଦିଆଯାଉଛି। ଦୁର୍ଗମ ଅଞ୍ଚଳରେ ମ୍ୟାଲେରିଆ ନିରାକରଣ ବା ଦମନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ନିୟମିତ ରକ୍ତ ପରୀକ୍ଷା ସହ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଉଛି।

ଜିଲା ମ୍ୟାଲେରିଆ କାର୍ଯ୍ୟାଳୟଠାରୁ ମିଳିଥିବା ସୂଚନା ଅନୁଯାୟୀ, ୨୦୧୪ରୁ ଗଞ୍ଜାମ ଜିଲାରେ ମ୍ୟାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ବିଶେଷ ଭାବେ କମିଛି। କାରଣ ୨୦୧୪ରେ ମୋଟ ୩ଲକ୍ଷ ୯୦ହଜାର ୪୯୮ଜଣଙ୍କ ରକ୍ତ ପରୀକ୍ଷା କରାଯାଇଥିଲା। ସେଥିରୁ ୧୭ହଜାର ୪୯୨ଜଣଙ୍କଠାରେ ମ୍ୟାଲେରିଆ ଭୂତାଣୁ ମିଳିଥିଲା। ଏପରିକି ସେହି ବର୍ଷ ୩ଜଣଙ୍କ ମୃତ୍ୟୁ ମଧ ହୋଇଥିଲା। ୨୦୧୫ରେ ୪ଲକ୍ଷ ଏକ ହଜାର ୬ଜଣଙ୍କ ରକ୍ତ ନମୂନା ପରୀକ୍ଷା କରାଯାଇଥିବା ବେଳେ ୧୫ହଜାର ୩୫୦ ନମୁନାରେ ମ୍ୟାଲେରିଆ ଚିହ୍ନଟ କରାଯାଇଥିଲା। ୨୦୧୫ରେ ମ୍ୟାଲେରିଆରେ ଆକ୍ରାନ୍ତ ହୋଇ ୨ଜଣ ପ୍ରାଣ ହରାଇଥିଲେ। ସେହିଭଳି ୨୦୧୬ରେ ୪ଲକ୍ଷ ୨୬ହଜାର ୬୭୪ ନମୁନା ପରୀକ୍ଷା କରାଯାଇଥିଲା। ସେଥିରୁ ୧୧ହଜାର ୮୫୬ ନମୁନାରେ ମ୍ୟାଲେରିଆ ମିଳିଥିଲା। ମାତ୍ର ଜଣଙ୍କ ମୃତ୍ୟୁ ହୋଇଥିଲା। ୨୦୧୭ ମସିହାରେ ୪ ଲକ୍ଷ ୧୨ହଜାର ୭୭୪ ନମୁନା ପରୀକ୍ଷା କରାଯାଇଥିଲା। ସେଥିରୁ ୧୦ହଜାର ୭୨ଜଣ ମ୍ୟାଲେରିଆ ଦ୍ୱାରା ଆକ୍ରାନ୍ତ ହୋଇଥିବା ନମୁନା ପରୀକ୍ଷାରୁ ଜଣାପଡ଼ିଥିଲା। ୨ ଜଣ ମୃତ୍ୟୁ ମୁଖରେ ପଡ଼ିଥିଲେ । ୨୦୧୮ରେ ୪ ଲକ୍ଷ ୧୫ହଜାର ୬୬୪ ରକ୍ତ ନମୁନା ପରୀକ୍ଷା ହୋଇଥିଲା। ସେଥିରୁ ୯ହଜାର ୧୩୯ଜଣଙ୍କ ନମୁନାରେ ମ୍ୟାଲେରିଆ ଚିହ୍ନଟ କରାଯାଇଥିଲା। ମାତ୍ର ଜଣଙ୍କର ମୃତ୍ୟୁ ହୋଇଥିଲା। ୨୦୧୯ ମାର୍ଚ୍ଚ ଶେଷ ସୁଦ୍ଧା ୯୩ହଜାର ୫୬୭ ରକ୍ତ ନମୂନା ପରୀକ୍ଷା କରାଯାଇଥିଲା। ସେଥିରୁ ୯୯୩ ନମୁାରେ ମ୍ୟାଲେରିଆ ମିଳିଛି । ବର୍ତ୍ତମାନ ସୁଦ୍ଧା କାହାରି ମୃତ୍ୟୁ ହୋଇନାହିଁ ।

ଅନ୍ୟପଟେ ଜିଲା ସ୍ୱାସ୍ଥ୍ୟ ପ୍ରଶାସନ ତରଫରୁ ମ୍ୟାଲେରିଆ ନିରାକରଣ ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରାଯାଉଛି। ଚଳିତ ବର୍ଷ ଅର୍ଥାତ୍ ୨୦୧୯ ମସିହା ପାଇଁ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରାଯାଇଛି। ଜିଲାରେ ମୋଟ ୩୩ ଜାଗାରେ ମ୍ୟାଲେରିଆ ପରୀକ୍ଷାଗାର କାର୍ଯ୍ୟ କରୁଛି। ଯେଉଁଠି ସହଜରେ ଲୋକମାନେ ନିଜର ରକ୍ତ ପରୀକ୍ଷା କରି ମ୍ୟାଲେରିଆରେ ଆକ୍ରାନ୍ତ ନା' ନାହିଁ, ଜାଣିପାରିବେ। ବ୍ରହ୍ମପୁର ବଡ଼ ମେଡ଼ିକାଲ୍ ଏବଂ ଭଞ୍ଜନଗର ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରରେ ମ୍ୟାଲେରିଆ ରୋଗୀଙ୍କ ସଂପର୍କରେ ସୂଚନା ରଖିବା ବ୍ୟବସ୍ଥା କରାଯାଇଛି । ୨୮୬୧ଜଣ ଆଶା କର୍ମୀଙ୍କୁ ମ୍ୟାଲେରିଆ ଚିହ୍ନଟ ସମ୍ପର୍କରେ ତାଲିମ୍ ପ୍ରଦାନ କରାଯାଇଛି। ଜାତୀୟ ବାୟୁ ବାହିତ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ(ଏନ୍‌ଭିବିଡିସିପି)ରେ ୯୦ଜଣ ଆୟୁଷ ଡାକ୍ତରଙ୍କୁ ମ୍ୟାଲେରିଆ ନିରାକରଣ ପାଇଁ ତାଲିମ୍ ପ୍ରଦାନ କରାଯାଇଛି। ଜିଲାର ଯେଉଁ ୮ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଯଥା ଆଡ଼ପଡ଼ା, ବଡ଼ଗଡ଼, ବୋମକେଇ, ଗାଳେରି, ଧରାକୋଟ, କୁକୁଡ଼ାଖଣ୍ଡି, ପୋଲସରା ଏବଂ ପାତ୍ରପୁରରେ ମ୍ୟାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ଅଧିକ ରହୁଛି, ସେଠାରେ ଘରକୁ ଘର ବୁଲି ଔଷଧ ସିଞ୍ଚନ ହେଉଛି। ଏଥି ସହ ଅଧିବାସୀଙ୍କୁ ମଶାରି ବଣ୍ଟନ କରାଯାଉଛି। 'ଦମନ' କାର୍ଯ୍ୟକ୍ରମରେ ନିୟମିତ ବ୍ୟବଧାନରେ ଗାଁକୁ ଗାଁ ଯାଇ ଲୋକମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି। ଜିଲାର ୪୩ ଆଦିବାସୀ ଆବାସିକ ବିଦ୍ୟାଳୟରେ ପିଲାମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ମ୍ୟାଲେରିଆ ପରୀକ୍ଷା କରାଯିବ ବୋଲି ବିଭାଗର ଜଣେ ଅଧିକାରୀ ପ୍ରକାଶ କରିଛନ୍ତି ।


ପାତ୍ରପୁର ବ୍ଲକର ଏକ ଦୁର୍ଗମ ଅଞ୍ଚଳରେ ଲୋକମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି ।

### ଆଜି ବିଶ୍ୱ ମ୍ୟାଲେରିଆ ଦିବସ

- ୨୦୧୪ରୁ କମୁଛି ଆକ୍ରାନ୍ତଙ୍କ ସଂଖ୍ୟା
- ଦୁର୍ଗମ, ପାହାଡ଼ିଆ ଅଞ୍ଚଳରେ ବ୍ୟାପୁଛି
- ପାଞ୍ଚ ବର୍ଷରେ ୯ଜଣଙ୍କ ମୃତ୍ୟୁ




## ସଂକ୍ଷେପରେ

### ବିଶାଖାପାଟଣାରେ ଦୁର୍ଘଟଣା, ଓଡ଼ିଆ ଡାକ୍ତରଙ୍କ ମୃତ୍ୟୁ

ପାତ୍ରପୁର,୨୪।୪(ଡି.ଏନ୍.ଏ.): ପଡ଼ୋଶୀ ରାଜ୍ୟ ଆନ୍ଧ୍ର ପ୍ରଦେଶର ବିଶାଖାପାଟଣାସ୍ଥିତ କୁଇନ ଏନ୍ଆର୍ଆଇ ହସ୍ପିଟାଲରେ କାର୍ଯ୍ୟରତ ଜଣେ ଓଡ଼ିଆ ଡାକ୍ତରଙ୍କ ମଙ୍ଗଳବାର ସନ୍ଧ୍ୟାରେ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ସେ ହେଲେ ପାତ୍ରପୁର ବ୍ଲକ ଗୁଣ୍ଡ୍ରା ପଞ୍ଚାୟତ ସୁନାରେଡ଼ୀ ଗ୍ରାମର ରାଷ୍ଟ୍ରପତି ଚୌଧୁରୀ (୪୦)। ଡାକ୍ତର ଚୌଧୁରୀ ଜଣେ ସମ୍ପର୍କୀୟଙ୍କ ଭୋଜିରେ ଯୋଗଦେଇ ବାଇକରେ ଫେରୁଥିବା ବେଳେ ଟ୍ରକ ଧକ୍କା ଦେଇଥିଲା । ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ସେଠାକାର ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇଥିଲା। ବୁଧବାର ଗ୍ରାମରେ ଶୋକାକୁଳ ପରିବେଶରେ ଅନ୍ତିମ ସଂସ୍କାର କରାଯାଇଛି।

### ନୀଳମଣିଙ୍କ ଜାମିନ ଆବେଦନ ଶୁଣାଣି ଆଜି

ସୋରଡ଼ା,୨୪।୪(ଡି.ଏନ୍.ଏ): ସୋରଡ଼ା ବ୍ଲକ ରେଣ୍ଟି ବୁଥ୍‌ରେ ଇଭିଏମ୍ ଭାଙ୍ଗିବା ଅଭିଯୋଗରେ ଗିରଫ ହୋଇଥିବା ଭାଜପା ପ୍ରାର୍ଥୀ ନୀଳମଣି ବିଷୋୟୀଙ୍କ ଜାମିନ ଆବେଦନର ଶୁଣାଣି ଗୁରୁବାର ହେବ। ନୀଳମଣିଙ୍କ ଓକିଲ ଶିବପ୍ରସାଦ ବାହିନୀପତିଙ୍କ ସୂଚନା ଅନୁଯାୟୀ, ଇଭିଏମ ଭଙ୍ଗାରୁଜା ନେଇ ହୋଇଥିବା ମାମଲା ନଂ. ୧୩୩/୧୯ରେ ନୀଳମଣିଙ୍କ ପକ୍ଷରୁ ହୋଇଥିବା ଜାମିନ ଆବେଦନ ସ୍ଥାନୀୟ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ କୋର୍ଟରେ ନାକଚ ହୋଇଥିଲା। ଗୁରୁବାର ସୋରଡ଼ାରେ ଭଞ୍ଜନଗର ଅତିରିକ୍ତ ଜିଲା ଜର୍ଜଙ୍କ କ୍ୟାମ୍ପ କୋର୍ଟ ଅନୁଷ୍ଠିତ ହେବ। ସେଠାରେ ମାମଲା ନଂ. ୧୩୩ ସହ ନୀଳମଣି ଭୋଟରଙ୍କୁ ଧମକ ଦେଇଥିବା ଅଭିଯୋଗରେ ହୋଇଥିବା ମାମଲା ନଂ.୧୩୫/୧୯ରେ ଜାମିନ ଶୁଣାଣି ହେବ। ସେହିପରି ନଂ. ୪/୧୯ ଉପରେ ଶୁକ୍ରବାର ଭଞ୍ଜନଗର ଏଡିଜେ କୋର୍ଟରେ ନୀଳମଣିଙ୍କୁ ହାଜର କରାଯିବା ସହ ଜାମିନ ଆବେଦନ କରାଯିବ ବୋଲି ବାହିନୀପତି କହିଛନ୍ତି।

### ରାମନବମୀ ଯାତ୍ରା, ଲଙ୍କାପୋଡ଼ି ଉତ୍ସବ

ସୋରଡ଼ା,୨୪।୪(ଡି.ଏନ୍.ଏ)-ସୋରଡ଼ାରେ ରଘୁନାଥ ସ୍ୱାମୀଙ୍କ ପ୍ରସିଦ୍ଧ ରାମନବମୀ ଯାତ୍ରା ପାଳିତ ହୋଇଯାଇଛି। ୧୨ ତାରିଖରେ ନେତ୍ର ଉତ୍ସବ, ୧୩ରେ ଜନ୍ମ ଉତ୍ସବ, ୧୭ରେ ବିବାହ ଉତ୍ସବ ପାଳନ ହୋଇଥିବା ବେଳେ ୧୯ରୁ ୨୨ ତାରିଖ ପର୍ଯ୍ୟନ୍ତ ଠାକୁରଙ୍କ ସୁସଜ୍ଜିତ ରଥ ପ୍ରତ୍ୟହ ରାତିରେ ନଗର ପରିକ୍ରମା କରିଥିଲା। ମଙ୍ଗଳବାର ରାତିରେ ପ୍ରସିଦ୍ଧ ଲଙ୍କା ପୋଡ଼ି ଉତ୍ସବ ପାଇଁ ଠାକୁରଙ୍କ ନଗର ପରିକ୍ରମା ଏବଂ ରାମ, ଲକ୍ଷ୍ମଣ, ସୀତା, ହନୁମାନ ବେଶ ବାହାରିଥିଲା। ଋଷିକୁଲ୍ୟ ବ୍ରିଜ ନିକଟରେ ଲଙ୍କାପୋଡ଼ି ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ପରିଚାଳକ ଦେବେନ୍ଦ୍ର ପାତ୍ର, ରାମନାଥ ପତି, ଶ୍ୟାମସୁନ୍ଦର ମହାରଣା, ରାଜେଶ୍ୱର ପାତ୍ର, କାଶୀନାଥ ସାହୁ, ଦେବରାଜ ମହାରଣା ପ୍ରମୁଖ ପରିଚାଳନା କରିଥିଲେ।

## ରେଣ୍ଟିର ୧୮୨ନଂ. ବୁଥ୍‌ରେ ସାନି ମତଦାନ ଆଜି

# ଭିଡିଓଗ୍ରାଫି, ୱେବ୍‌କାଷ୍ଟିଂ ବ୍ୟବସ୍ଥା ଅନୁଧ୍ୟାନ କଲେ ଜିଲାପାଳ

ଛତ୍ରପୁର/ସୋରଡ଼ା, ୨୪।୪(ଡି.ଏନ.ଏ)

**ମନିଟରିଂ କରିବେ ମାଇକ୍ରୋ ଅବଜର୍ଭର**

ଗଞ୍ଜାମ ଜିଲା ସୋରଡା ବ୍ଲକ ୧୮୨ନଂ. ରେଣ୍ଟି ବୁଥ୍‌ରେ ଗୁରୁବାର ସାନି ମତଦାନ ହେବ । ଏଥିପାଇଁ ଜିଲା ପ୍ରଶାସନ ଓ ଗଞ୍ଜାମ ପୋଲିସ ପକ୍ଷରୁ ସମସ୍ତ ପ୍ରସ୍ତୁତି ସରିଛି । ଶାନ୍ତିଶୃଙ୍ଖଳାରେ ମତଦାନ ହେବ। ବୁଧବାର ନିଜେ ଯାଇ ଅନୁଧ୍ୟାନ କରି ଆସିଥିବା ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ସନ୍ଧ୍ୟାରେ ସୂଚନା ଦେଇଛନ୍ତି। ଉକ୍ତ ବୁଥରେ ମାଇକ୍ରୋ ଅବଜର୍ଭର ସହ ୱେବକାଷ୍ଟିଂ ଓ ଭିଡିଓ ଗ୍ରାଫି ବ୍ୟବସ୍ଥା କରାଯାଇଥିବା ଜିଲାପାଳ କହିଛନ୍ତି। ବୁଥଟି ସମ୍ବେଦନଶୀଳ ନ ଥିବାରୁ ଗତ ୧୮ରେ ରେଣ୍ଟି ବୁଥ୍‌ରେ ମତଦାନ ବେଳେ ଭିଡିଓଗ୍ରାଫି କିମ୍ବା ସିସି କ୍ୟାମେରା ବ୍ୟବସ୍ଥା କରାଯାଇ ନ ଥିଲା। ଏହାର ଫାଇଦା ନେଇ ଇଭିଏମ୍ କଣ୍ଟ୍ରୋଲ ୟୁନିଟ୍ ଭଙ୍ଗାଯାଇଥିଲା। ମତଦାନ ଅଧାରୁ ବନ୍ଦ ରହିଥିଲା । ଏହି ଘଟଣା ପରେ ସାନି ମତଦାନ ପାଇଁ ଏହି ବୁଥ୍‌କୁ ସମ୍ବେଦନଶୀଳ ଭାବେ ଚିହ୍ନଟ କରି ପ୍ରଶାସନ ଓ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଗୁରୁବାର ସେଠାରେ ଆସିକା ଲୋକସଭା ଓ ସୋରଡା ବିଧାନସଭା ଆସନ ପାଇଁ ସାନି ମତଦାନ ହେବ । ପୋଲିଂ ଦଳ ବୁଥ୍‌ରେ ପହଞ୍ଚି ସାରିଥିବା ଜିଲାପାଳ କହିଛନ୍ତି।

ସୂଚନାଯୋଗ୍ୟ, ୧୮ରେ ରେଣ୍ଟି ବୁଥ୍‌ରେ ଭୋଟ ଚାଲିଥିବା ବେଳେ ଭାଜପା ପ୍ରାର୍ଥୀ ନୀଳମଣି ବିଷୋୟୀ ପହଞ୍ଚି ପ୍ରିଜାଇଡିଂ ଅଫିସରଙ୍କ କାର୍ଯ୍ୟରେ ବାଧା ଦେଇଥିଲେ । ପରେ ସୋରଡା ବିଧାନସଭା ଆସନ ପାଇଁ ଉଦ୍ଦିଷ୍ଟ ଇଭିଏମ୍ କଣ୍ଟ୍ରୋଲ ୟୁନିଟ୍‌କୁ ସେ ଭାଙ୍ଗି ଦେଇଥିଲେ । ଫଳରେ ସେଠାରେ ଭୋଟ ଅଧାରୁ ବନ୍ଦ ହୋଇଯାଇଥିଲା । ଇଭିଏମ୍ ଭାଙ୍ଗିବା ଘଟଣାରେ ସୋରଡା ପୋଲିସ ଏକ ମାମଲା ରୁଜୁ କରି ନୀଳମଣିଙ୍କୁ ୧୮ ତାରିଖ ରାତିରେ ଗିରଫ କରି କୋର୍ଟ ଚାଲାଣ କରିଥିଲା । ପରେ ତାଙ୍କୁ ସୋରଡା ଜେଲକୁ ପଠାଇ ଦିଆଯାଇଥିଲା । ଏନେଇ ଏକ ରିପୋର୍ଟ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ସିଇଓଙ୍କୁ ପ୍ରଦାନ କରାଯାଇଥିଲା । ଏହାପରେ ଜିଲାପାଳଙ୍କ ରିପୋର୍ଟକୁ ଆଧାର କରି ଉକ୍ତ ବୁଥ୍‌ରେ ସାନି ମତଦାନ ପାଇଁ ଘୋଷଣା ହୋଇଥିଲା । ଅନ୍ୟପକ୍ଷରେ ୧୮ରେ କେତେକ ବୁଥ୍‌ରେ ଭୋଟ ଗ୍ରହଣ ବେଳେ ରିଗିଂ ହୋଇଥିବା ଅଭିଯୋଗ ନେଇ ନୀଳମଣିଙ୍କ ପକ୍ଷରୁ ସୋରଡା ଥାନାରେ ଦିଆଯାଇଥିବା ଏତଲା ଉପରେ କୌଣସି ମାମଲା ରୁଜୁ ହୋଇନାହିଁ।

## ଯାତ୍ରାର ଦ୍ୱିତୀୟ ଦିବସରେ ପଞ୍ଚ ଠାକୁରାଣୀଙ୍କ ବିଶ୍ରାମ

ବୁଗୁଡ଼ା,୨୪।୪(ଡି.ଏନ.ଏ.)

ବୁଗୁଡ଼ା ପଞ୍ଚ ଠାକୁରାଣୀ ଯାତ୍ରାର ବୁଧବାର ଦ୍ୱିତୀୟ ଦିବସରେ ପଞ୍ଚ ଠାକୁରାଣୀ ପୂଜା ମଣ୍ଡପରେ ବିଶ୍ରାମ ନେଇଥିଲେ । ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ମାଉଁଦେଇ, ମାଳିଖୋଲା, ନାରାୟଣୀ, ବ୍ୟାଘ୍ରଦେବୀ ଏବଂ ବୁଢ଼ୀ ଠାକୁରାଣୀଙ୍କ ଘଟ ସ୍ଥାପନ ହେବା ପରେ ବୁଧବାର ଶାଳା ସଂସ୍କାର, ମଣ୍ଡଳ ପୂଜା, କର୍ମାରମ୍ଭ, ସିଂହ ବାହିନୀ ଦୁର୍ଗାଙ୍କ ଜୀବନ୍ୟାସ ସହ ପ୍ରାଣ ପ୍ରତିଷ୍ଠା ଆଦି ପୂଜାର୍ଚ୍ଚନା ହୋଇଥିଲା। ଏଥିସହ ମଧ୍ୟାହ୍ନରେ ବାଳଭୋଗ, ପଣାଭୋଗ ଓ ସଙ୍କୁଡ଼ି ଭୋଗ ମଧ୍ୟ ହୋଇଥିଲା। ଅପରାହ୍ନରେ ପୂଜା ମଣ୍ଡପରେ ଅନୁଷ୍ଠିତ ଘୃତଯଜ୍ଞରେ ଅଗ୍ନିସଂସ୍କାର ସହ ବିଭିନ୍ନ ଦେବାଦେବୀଙ୍କୁ ମନ୍ତ୍ର ଉଚ୍ଚାରଣ ପୂର୍ବକ ଘୃତଯଜ୍ଞ ହୋଇଥିଲା। ସନ୍ଧ୍ୟାରେ ଠାକୁରାଣୀମାନଙ୍କୁ ଧୂପ, ଦୀପ ସହ ୧୦୮ ଆଳତୀ ମଧ୍ୟ କରାଯାଇଥିଲା। ମହାଦେବୀମାନଙ୍କ ବିଶ୍ରାମ ଦିବସ ଯୋଗୁ ଶତାଧିକ ଭକ୍ତମାନେ ଭକ୍ତି ଚିତ୍ତରେ ମା'ଙ୍କୁ ଦର୍ଶନ କରି କୃପା ଲାଭ କରିଥିଲେ। ଗୁରୁବାର ଠାକୁରାଣୀଙ୍କ ବିଶ୍ରାମ ପରେ କାର୍ଯ୍ୟସୂଚୀ ଅନୁଯାୟୀ ଶୁକ୍ରବାର ସନ୍ଧ୍ୟା ୭ଟାରୁ ଠାକୁରାଣୀମାନଙ୍କ ଘଟ ବିଭିନ୍ନ ସାହି ପରିକ୍ରମା କରାଯିବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି।



ପୂଜା ମଣ୍ଡପରେ ବିରାଜମାନ ପଞ୍ଚ ଠାକୁରାଣୀ ଏବଂ ଦୁର୍ଗାଦେବୀ।

## ଷ୍ଟ୍ରଙ୍ଗରୁମ୍ ବାହାରେ ପ୍ରାର୍ଥୀଙ୍କ ପ୍ରତିନିଧି



ଷ୍ଟ୍ରଙ୍ଗ୍ ରୁମ୍ ବାହାରେ ପ୍ରାର୍ଥୀଙ୍କ ପ୍ରତିନିଧି ଜଗି ରହିଛନ୍ତି।

ଛତ୍ରପୁର,୨୪।୪(ଡି.ଏନ.ଏ)

ଛତ୍ରପୁରସ୍ଥିତ ଅନସ୍ଲୋ ସରକାରୀ ହାଇସ୍କୁଲ ପରିସରରେ ଇଭିଏମ୍ ଷ୍ଟ୍ରଙ୍ଗ୍ ରୁମ୍ ରହିଛି । ଭୋଟ ପରେ ବିଭିନ୍ନ ସ୍ଥାନରୁ ଆସିଥିବା ଇଭିଏମ୍‌ଗୁଡ଼ିକୁ ପ୍ରତି ନିର୍ବାଚନମଣ୍ଡଳୀ ପାଇଁ ଥିବା ଷ୍ଟ୍ରଙ୍ଗ ରୁମ୍‌ରେ ରଖାଯାଇ ସିଲ୍ କରାଯାଇଛି। ବାହାରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଛି । ଏଥିସହ ସବୁ ଷ୍ଟ୍ରଙ୍ଗରୁମ୍ ବାହାରେ ସିସି କ୍ୟାମେରା ଲଗାଯାଇଛି। ଉକ୍ତ ହାଇସ୍କୁଲ ପରିସରରେ ଛତ୍ରପୁର ସବଡିଭିଜନ ଅଧୀନ ଛତ୍ରପୁର, ଖଲ୍ଲିକୋଟ, ପୋଲସରା, ହିଞ୍ଜିଳି ଓ କବିସୂର୍ଯ୍ୟନଗର ନିର୍ବାଚନମଣ୍ଡଳୀରେ ଭୋଟିଂ ହୋଇଥିବା ଇଭିଏମ୍, ଭିଭିପିଏଟି ଷ୍ଟ୍ରଙ୍ଗ୍ ରୁମ୍‌ରେ ରଖାଯାଇଛି। ଅନ୍ୟପକ୍ଷରେ ଷ୍ଟ୍ରଙ୍ଗରୁମ୍ ବାହାରେ ବିଭିନ୍ନ ଦଳୀୟ ପ୍ରାର୍ଥୀଙ୍କ ପ୍ରତିନିଧିମାନେ ଭୋଟ ସରିବା ପରଠାରୁ ଜଗି ରହିଛନ୍ତି। କାଳେ ଷ୍ଟ୍ରଙ୍ଗରୁମ୍ ଖୋଲି ଇଭିଏମ୍‌ରେ କିଛି କରାଯିବ ସେହି ଆଶଙ୍କା କରି କେତେଜଣ ପ୍ରାର୍ଥୀଙ୍କ ପ୍ରତିନିଧିମାନେ ଜଗି ରହୁଛନ୍ତି। ଏପରିକି ପ୍ରାର୍ଥୀଙ୍କ ପ୍ରତିନିଧିମାନେ ପାଳି କରି ୨୪ ଘଣ୍ଟା ଜଗି ରହୁଥିବା ଦେଖାଯାଉଛି। ପ୍ରଶାସନ ପକ୍ଷରୁ ସେମାନଙ୍କୁ ଏଥିପାଇଁ ଅନୁମତି ମଧ୍ୟ ଦିଆଯାଇଛି । ତେବେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ସହ ସିସି କ୍ୟାମେରା ଲଗାଯାଇଥିବାରୁ ଏପରି କୌଣସି ଆଶଙ୍କା କରିବା ଠିକ୍ ନୁହେଁ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ଷ୍ଟ୍ରଙ୍ଗ୍ ରୁମ୍ ବାହାରେ କେନ୍ଦ୍ରୀୟ ଫୋର୍ସର ସଶସ୍ତ୍ର ଯବାନ୍ ମୁତୟନ କରାଯାଇଛି । ମେ ୨୩ ତାରିଖରେ ଅନସ୍ଲୋ ସରକାରୀ ହାଇସ୍କୁଲ ପରିସରରେ ଉପରୋକ୍ତ ସମସ୍ତ ନିର୍ବାଚନ ମଣ୍ଡଳୀର ଇଭିଏମ୍‌ଗୁଡ଼ିକୁ ବାହାର କରାଯାଇ ଭୋଟ ଗଣତି ହେବ । ଇଭିଏମ୍ ବାହାରକୁ ଆଣିବା ଏବଂ ଗଣତି ସମୟର ଭିଡିଓ ରେକର୍ଡିଂ କରାଯିବା ବ୍ୟବସ୍ଥା ମଧ୍ୟ ହୋଇଛି ।

## ବିଦ୍ୟୁତ୍ ସଂସ୍ପର୍ଶରେ ଯୁବକ ଗୁରୁତର

ଦିଗପହଣ୍ଡି,୨୪।୪(ଡି.ଏନ.ଏ.): ଦିଗପହଣ୍ଡି ବ୍ଲକ ଚଷାନିମଖଣ୍ଡି ପଞ୍ଚାୟତ ବଡ଼ପଦା ଗ୍ରାମରେ ବୁଧବାର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ ନୂଆଗାଁ ଥାନା ବଡ଼ପଦା ଗାଁର ଶଙ୍କର ଦଳେଇ। ମଙ୍ଗଳବାର ରାତିରୁ ଗ୍ରାମରେ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହୋଇଥିଲା। ବୁଧବାର ସକାଳେ ଶଙ୍କର ଓ ଗ୍ରାମର ଉଦୟ ରେଡ୍ଡୀ ପୋଡାମାରୀ ବିଦ୍ୟୁତ୍ ସେକ୍ସନ ଅଧୀନରେ କାର୍ଯ୍ୟରତ ଥିବା କର୍ମଚାରୀଙ୍କୁ ଖବର ଦେଇଥିଲେ। କର୍ମଚାରୀ ଜଣକ ଆସିବା ପରିବର୍ତ୍ତେ ସେମାନଙ୍କୁ ଟ୍ରାନ୍ସଫର୍ମର ଫ୍ୟୁଜ୍ ପକାଇବା ପାଇଁ ଅନୁମତି ଦେଇଥିଲେ। ଶଙ୍କର ଟ୍ରାନ୍ସଫର୍ମରରେ ଚଢ଼ି କାମ ସାରି ଓହ୍ଲାଉଥିବା ବେଳେ ବିଦ୍ୟୁତ୍ କର୍ମଚାରୀ ଜଣକ ଅସାବଧାନତା ଯୋଗୁ ବିଦ୍ୟୁତ୍ ସଂଯୋଗ କରି ଦେଇଥିଲେ। ଯଦ୍ୱାରା ଶଙ୍କର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ତଳକୁ ଛିଟିକି ପଡି ଆହତ ହୋଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରୁ ଶଙ୍କରଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି ।

## କାଳ ବୈଶାଖୀ: ପ୍ରାଣୀ ଚିକିତ୍ସାକେନ୍ଦ୍ରର ଉଡ଼ିଲା ଟିଣ

ଆର.ଉଦୟଗିରି,୨୪।୪(ଡି.ଏନ.ଏ.)

ଆର.ଉଦୟଗିରି ବ୍ଲକର ରାମଗିରି ଗ୍ରାମରେ ଥିବା ପ୍ରାଣୀ ଚିକିତ୍ସା କେନ୍ଦ୍ରର ଟିଣ କାଳ ବୈଶାଖୀରେ ଉଡ଼ିଯାଇଛି। ଗତ କିଛି ଦିନ ହେବ ଏହି ଅଞ୍ଚଳରେ ଅପରାହ୍ନ ହେଲେ କାଳ ବୈଶାଖୀ ଆସି ପ୍ରବଳ ପବନ ସହ କୁଆପଥର ବର୍ଷା ହେଉଛି। ଏହାର ପ୍ରଭାବରେ କାର୍ଯ୍ୟାଳୟର ଅଧାଟିଣ ଛପର ଉଡି ଯାଇଥିବା ଯୋଗୁ ଉକ୍ତ ପ୍ରାଣୀ ଚିକିତ୍ସା କେନ୍ଦ୍ର ଉପରେ ନିର୍ଭର କରୁଥିବା ଅଞ୍ଚଳର ୭ଟି ଗ୍ରାମପଞ୍ଚାୟତ ଲୋକଙ୍କର ପ୍ରାଣୀ ଚିକିତ୍ସା କରିବାରେ ବାଧା ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି। ଭଙ୍ଗା ଘରେ ଚିକିତ୍ସା କରିବା କଷ୍ଟକର ହେଉଛି ବୋଲି ପ୍ରାଣୀ ଡାକ୍ତର କହିଛନ୍ତି। ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ଏଥିପତି ଦୃଷ୍ଟି ଦେଇ ଶୀଘ୍ର ଭଙ୍ଗା ଘର ମରାମତି କରିବା ସହ ଏଠାରେ ଥିବା ଟିଣଘରକୁ ଭାଙ୍ଗି ନୂତନ ଛାତଘର ନିର୍ମାଣ କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି। ଏହି କାଳ ବୈଶାଖୀରେ ଅଞ୍ଚଳର ବହୁ ଘର ମଧ୍ୟ ଭାଙ୍ଗି ନଷ୍ଟ ହୋଇଯାଇଛି।

## ଭିତ୍ତିପ୍ରସ୍ତରର ୪ ବର୍ଷ ବିତିଲା

# ଅନିଶ୍ଚିତତାରେ ବସ୍‌ଷ୍ଟାଣ୍ଡ ନିର୍ମାଣ

ଶେରଗଡ଼,୨୪।୪(ଡି.ଏନ.ଏ.)

ଶେରଗଡ ଦେଇ ପ୍ରତିଦିନ ଶତାଧିକ ଯାତ୍ରୀବାହୀ ଗାଡ଼ିମୋଟର ବ୍ରହ୍ମପୁର, ଆସିକା, ଦିଗପହଣ୍ଡି, ହିଞ୍ଜିଳିକାଟୁ, ସୋରଡା, ବଡଗଡ ଓ ଭୁବନେଶ୍ୱର ଆଦିକୁ ଯାତାୟାତ କରେ । ପ୍ରତିଦିନ ଶହ ଶହ ଲୋକ ଗାଡି ମୋଟରକୁ ଅପେକ୍ଷା କରି ରହିଥାନ୍ତି। ହେଲେ ଏଠାରେ ବସଷ୍ଟାଣ୍ଡ ନ ଥିବାରୁ ଯାତ୍ରୀ ଏବଂ ଗାଡି ଚାଳକଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଶେରଗଡ଼ରେ ଏକ ନୂଆ ବସଷ୍ଟାଣ୍ଡ ହେଲେ ଯାତ୍ରୀଙ୍କ ସୁବିଧା ସହ କିଛି ଲୋକଙ୍କ ଜୀବନ ଜୀବିକାରେ ସୁଧାର ଆସିବ । ତେଣୁ ବସଷ୍ଟାଣ୍ଡ ନିର୍ମାଣ ପାଇଁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଏକ ଆଲୋଚନା ହୋଇଥିଲା । ପରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ୪ ବର୍ଷ ପୂର୍ବେ ଏଥିପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଗଲା। ହେଲେ ଏ ଯାଏ ଜମି ଅଧିଗ୍ରହଣ ହୋଇନି । ତେଣୁ ବସଷ୍ଟାଣ୍ଡ ନିର୍ମାଣ ଅନିଶ୍ଚିତତା ମଧ୍ୟରେ ରହିଛି।



ଭିତ୍ତିପ୍ରସ୍ଥର ହୋଇଥିବା ନାମ ଫଳକ।

୨୦୧୫ ଜାନୁୟାରୀ ୧୫ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶେରଗଡ ଚାରିଛକକୁ ଲାଗି ଏକ ଜମିରେ ବସଷ୍ଟାଣ୍ଡ ନିର୍ମାଣ ଲାଗି ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ପରେ ବସଷ୍ଟାଣ୍ଡ ପାଇଁ ୩ଟି ସ୍ଥାନ ଚିହ୍ନଟ କରାଗଲା। ହେଲେ ସବୁଠି ଜମି ଅଧିଗ୍ରହଣ ସମସ୍ୟାରୁ ତାହା ଫେଲ ମାରିଲା । ଗୋଟିଏ ଗୋଷ୍ଠୀ ଜମି ଦେବାକୁ ରାଜି ହେଉଥିବା ବେଳେ ଆଉ ଏକ ଗୋଷ୍ଠୀ ବିରୋଧ କରୁଥିବାରୁ ଅଧିଗ୍ରହଣ ହୋଇପାରିଲାନି। ସେହିପରି ଏକ ମଠ ଜାଗାରେ ବସଷ୍ଟାଣ୍ଡ ନିର୍ମାଣ ପାଇଁ ପ୍ରଶାସନ ଯୋଜନା କରି ଦେବୋତ୍ତର କମିଶନରଙ୍କୁ ପ୍ରସ୍ତାବ ପଠାଯାଇଥିଲା। ହେଲେ ଉକ୍ତ ପ୍ରସ୍ତାବ ନାକଚ ହୋଇଯାଇଥିଲା। ଏବେ ସରକାରୀ ଜମି ଭରସା । ବସଷ୍ଟାଣ୍ଡ ପାଇଁ ୩ ଏକର ଜାଗା ଶେରଗଡ ମୌଜାରେ ନାହିଁ। ଏଥିପାଇଁ ଭୁଷୁଣ୍ଡା ମୌଜାକୁ ଯିବାକୁ ପଡିବ ବୋଲି ଜଣେ ରାଜସ୍ୱ ଅଧିକାରୀ କହିଛନ୍ତି। ବିଡିଓ ସୁରଞ୍ଜନ କୁମାର ସାହୁ କହିଛନ୍ତି, ବସଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ଆରମ୍ଭ ପାଇଁ ଅର୍ଥ ଆମ ପାଖରେ ଅଛି । ହେଲେ ଉପଯୁକ୍ତ ଜାଗା ମିଳୁନି। ସେହିପରି ସ୍ଥାନ ନ ମିଳିବା ଘଟଣାରେ ତହସିଲଦାର ଡ.ଦୟାସିନ୍ଧୁ ପରିଡା ଉଦବେଗ ପ୍ରକାଶ କରିଛନ୍ତି। ସେ କହିଛନ୍ତି ବସଷ୍ଟାଣ୍ଡ ବିବାଦୀୟ ଜାଗାରେ ନ କରି ସରକାରୀ ଜାଗାରେ ନିର୍ମାଣ କଲେ ଭଲ ହୁଅନ୍ତା। ଶେରଗଡରେ ଆବଶ୍ୟକ ପଡୁଥିବା ସରକାରୀ ଜମି ନ ଥିବା ବେଳେ ଭୁଷୁଣ୍ଡା ମୌଜାରେ ଅଛି । ସେଠାରେ ବସଷ୍ଟାଣ୍ଡ ପାଇଁ ଶେରଗଡବାସୀ ସମ୍ମତି ପ୍ରକାଶ କଲେ ଜମି ଅଧିଗ୍ରହଣ କରାଯିବ।

# ନିଖୋଜ ଜିଆର୍‌ଏସ୍‌ଙ୍କୁ ନ୍ୟାୟ ଦାବି ତେଜିଲା

ଫୁଲବାଣୀ ଅଫିସ, ୨୪।୪

୨୦୧୪ ସାଧାରଣ ନିର୍ବାଚନ କାର୍ଯ୍ୟରେ ଯାଇ ନିଖୋଜ ହୋଇ ଯାଇଥିବା ଜିଆରଏସ୍ ମମତା ନାୟକଙ୍କ ପ୍ରତି ନ୍ୟାୟ କରାଯାଇ ନାହିଁ । ଆଜି ପର୍ଯ୍ୟନ୍ତ ସେ ଜୀବିତ କି ନୁହେଁ ସେ ବିଷୟରେ ପ୍ରଶାସନ କି ପୋଲିସ କାହା ପାଖରେ ଉତ୍ତର ନାହିଁ । ତୁରନ୍ତ ମମତାଙ୍କ ପରିବାରକୁ ନ୍ୟାୟ ପ୍ରଦାନ କରାଯିବାକୁ ବୁଧବାର ପ୍ରେସ୍ କ୍ଲବରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ବିଭିନ୍ନ ସଂଗଠନ କର୍ମକର୍ତ୍ତା ଦାବି ଉଠାଇଛନ୍ତି। ମମତାଙ୍କ ମା' ପ୍ରଭାସିନୀ ଏଥିରେ ଯୋଗଦେଇ ତାଙ୍କୁ ନ୍ୟାୟ ପ୍ରଦାନ ଦାବିରେ ସହଯୋଗ କରିବାକୁ ନିବେଦନ କରିଛନ୍ତି ।

ଝିଅ ନିର୍ବାଚନ ଦାୟିତ୍ୱ ସମ୍ପନ୍ନ କରିବାକୁ ଯାଇ ୨୦୧୪ ଏପ୍ରିଲ ୯ରେ ନିଖୋଜ ହୋଇଗଲା। ଏହା ପଛରେ ତତ୍କାଳୀନ ଚକାପାଦ ବିଡିଓ ଓ ତାଙ୍କର କେତେକ ସହଯୋଗୀଙ୍କ ହାତ ରହିଛି। ପୋଲିସ କେବଳ ମାମଲା ରୁଜୁ କରି ଉପର ଠାଉରିଆ ଭାବେ ତଦନ୍ତ କରିଥିଲା। ଆମେ ଜିଲାପାଳ, ଏସ୍‌ପି, ମୁଖ୍ୟମନ୍ତ୍ରୀ, ନିର୍ବାଚନ କମିଶନଙ୍କଠାରୁ ନେଇ ପ୍ରଧାନମନ୍ତ୍ରୀଙ୍କ ପର୍ଯ୍ୟନ୍ତ ଅଭିଯୋଗ କରିଛୁ। ୭୨ ଦିନ ପର୍ଯ୍ୟନ୍ତ ଅନଶନ ଧାରଣା ମଧ୍ୟ ହୋଇଛି । ପୋଲିସ ଏହି ମାମଲା କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରିଥିଲା । ହେଲେ ସେଥିରେ ବି କିଛି ହୋଇନି । ନିକଟରେ ମାଓବାଦୀଙ୍କ ଗୁଳିରେ ଶିକାର ହୋଇଥିବା ଜିଆରଏସ୍ ସଂଯୁକ୍ତାଙ୍କ ପରିବାରକୁ ସରକାର କ୍ଷତିପୂରଣ ଘୋଷଣା କରିଥିବା ବେଳେ ଆମ ପରିବାରକୁ ଟଙ୍କାଟିଏ ସୁଦ୍ଧା ସହାୟତା ମିଳିନାହିଁ ବୋଲି ମମତାଙ୍କ ମା'ଙ୍କ ସମେତ କଳିଙ୍ଗ ସେନାର ଜିଲା ସଭାପତି ପ୍ରମୋଦ ନାୟକ, ଜିଲା ପାଣ ସମାଜର କାର୍ଯ୍ୟକାରୀ ସଭାପତି ତ୍ରିନାଥ ମାଝି, ଅନନ୍ତ କହଁର, ଲଳିତ କୁମାର ମଲ୍ଲିକ ପ୍ରମୁଖ ପ୍ରକାଶ କରିଛନ୍ତି ।



ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।


**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), ମଧୁପାଟଣା, କଟକ-୭୫୩୦୧୦

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ) [ରୁଲ୍ ୮(୧)]

**ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୪) ଅନୁଯାୟୀ ଦଖଲ ନିଆଯାଇଥିବା ସମ୍ପତ୍ତି ସମ୍ବନ୍ଧୀୟ ବିଜ୍ଞପ୍ତି ପ୍ରକାଶନ**

ଏତଦ୍‌ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ ର ୫୪) ଏବଂ ଧାରା ୧୩(୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ ୩ ଅନୁଯାୟୀ ନିମ୍ନଲିଖିତ ଆକାଉଣ୍ଟକୁ ନିମ୍ନଦର୍ଶିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଋଣ ରାଶି କଥିତ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।

ଯେହେତୁ ଋଣଗ୍ରହୀତା ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ ମାଧ୍ୟମରେ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିଗୁଡ଼ିକୁ ନିମ୍ନଦର୍ଶିତ ତାରିଖରେ **ଦଖଲ** ନେଇଛନ୍ତି। ତେଣୁ ବିଶେଷତଃ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତିଗୁଡ଼ିକ ଉପରେ କୌଣସି କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ ନିମନ୍ତେ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| ଆକାଉଣ୍ଟର ନାମ/ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା/ଆକାଉଣ୍ଟ ନଂ. | ଜାମିନ୍‌ଦାରଙ୍କ ନାମ ଏବଂ ଠିକଣା / ସମ୍ପତ୍ତି ମାଲିକମାନଙ୍କ ନାମ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ତାରିଖ | ବକେୟା ପରିମାଣ |
|---|---|---|---|---|---|
| ଋଣଗ୍ରହୀତା: ମେସର୍ସ ସ୍ୱସ୍ତିକ ଇଲେକ୍ଟ୍ରୋନିକ୍ସ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଅଭୟ କୁମାର ପାତ୍ର, ପିତା: ଶ୍ରୀ ଅଶୋକ କୁମାର ପାତ୍ର, ସା: ଆଇସ୍ ଫ୍ୟାକ୍ଟ୍ରି ରୋଡ଼, କଲେଜ ଛକ, କଟକ-୭୫୩୦୦୩ / ଆକାଉଣ୍ଟ ନଂ.: ୩୬୫୨୦୩୮୬୨୧୩ | ଜାମିନ୍‌ଦାର: ଶ୍ରୀ ଅଶୋକ କୁମାର ପାତ୍ର, ପିତା: ସ୍ୱ ରସାନନ୍ଦ ପାତ୍ର ଓରଫ ରମାନନ୍ଦ ପାତ୍ର, ସା: ଆଇସ୍ ଫ୍ୟାକ୍ଟ୍ରି ରୋଡ଼, କଲେଜ ଛକ, କଟକ-୭୫୩୦୦୩ / ସମ୍ପତ୍ତି ମାଲିକମାନେ: ଶ୍ରୀ ଅଭୟ କୁମାର ପାତ୍ର ଏବଂ ଶ୍ରୀ ଅଶୋକ କୁମାର ପାତ୍ର | (୧) ଶ୍ରୀ ଅଭୟ କୁମାର ପାତ୍ରଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: କଟକ ସହର, ୟୁନିଟ୍ ନଂ.-୨୪, କଲେଜ ଛକ, ଖାତା ନଂ.: ୩୪୦/୨୬୮, ପ୍ଲଟ୍ ନଂ.: ୨୨୧୧/୨୯୬୩, କ୍ଷେତ୍ର: ଏକର୦.୦୨୨.୫ଡିସିମିଲି, କିସମ: ଘରବାରୀ, (୨) ଶ୍ରୀ ଅଶୋକ କୁମାର ପାତ୍ରଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: କଟକ ସହର, ୟୁନିଟ୍ ନଂ.-୨୪, କଲେଜ ଛକ, ଖାତା ନଂ.: ୩୪୦/୨୩, ପ୍ଲଟ୍ ନଂ.: ୮୩୦, କ୍ଷେତ୍ର: ଏକର୦.୦୨୧ଡିସିମିଲି, କିସମ: ଘରବାରୀ, (୩) ଶ୍ରୀ ଅଭୟ କୁମାର ପାତ୍ରଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: କଟକ ସହର, ୟୁନିଟ୍ ନଂ.-୨୫, ଜୋବ୍ରା, ଖାତା ନଂ.: ୫୩୬/୨୩୫, ପ୍ଲଟ୍ ନଂ.: ୧୦୫୬/୧୯୧୯, କ୍ଷେତ୍ର: ଏକର୦.୦୨୦ଡିସିମିଲି, କିସମ: ଘରବାରୀ | ୦୧.୦୨.୨୦୧୯ | ୨୨.୦୪.୨୦୧୯ | ୩୧.୦୧.୨୦୧୯ ସୁଦ୍ଧା ଟ.୧,୬୯,୯୪,୮୨୩/- + ୦୧.୦୨.୨୦୧୯ ଠାରୁ ତତ୍‌ପରବର୍ତ୍ତି ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ |

ତାରିଖ: ୨୪.୦୪.୨୦୧୯, ସ୍ଥାନ: କଟକ
ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

## ସଂକ୍ଷେପରେ

### ରାମ ନବମୀ ଯାତ୍ରା ଉଦ୍‌ଯାପିତ



ଭଞ୍ଜନଗର,୨୪।୪(ଡି.ଏନ୍.ଏ.)- ଭଞ୍ଜନଗରରେ ବୁଧବାର ରାମ ନବମୀ ଯାତ୍ରା ଉଦ୍‌ଯାପିତ ହୋଇଯାଇଛି । ଏହି ଅବସରରେ ଲଣ୍ଡେଇସାହି ରାମ ମନ୍ଦିର ପକ୍ଷରୁ ସକାଳେ ବାଲିସିରାରୁ ଆସିଥିବା ପ୍ରହ୍ଲାଦ ନାଟକ ପରିବେଷଣ ହୋଇଥିଲା। ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ସରିବା ପରେ ଯାତ୍ରା ଉଦ୍‌ଯାପିତ ହୋଇଛି। ମଙ୍ଗଳବାର ରାତିରେ ଠାକୁର ନଗର ଭ୍ରମଣ ପରେ ମନ୍ଦିର ସମ୍ମୁଖରେ ବିଶ୍ରାମ ନେଇଥିଲେ। ରାତିରେ ଯାତ୍ରା ଉଦ୍‌ଯାପିତ ହେବାପରେ ଠାକୁର ସ୍ଥାୟୀ ମନ୍ଦିରରେ ବିଶ୍ରାମ ନେଇଥିଲେ। ରଘୁବୀର ସାଂସ୍କୃତିକ ପରିଷଦ ସଭାପତି ଗଙ୍ଗୁର ପ୍ରଧାନ, ସମ୍ପାଦକ ସୀମାଞ୍ଚଳ ଗୌଡ଼, ଉପସଭାପତି ଅନୁପମ ବାନାର୍ଜୀ, କୋଷାଧକ୍ଷ ବସନ୍ତ ପଣ୍ଡା, ଗରିବ ସ୍ୱାଇଁ, ନବୀନ ସାହୁ, ଶୁକଦେବ ବେହେରା, ରବୀନ୍ଦ୍ର ପାଣିଗ୍ରାହୀ, କୃତିବାସ ବିଶ୍ୱାଳ, ଶିବରାମ ପଣ୍ଡା,ବନମାଳି ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଆହାର କେନ୍ଦ୍ରରେ ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ

ବାଲିଗୁଡା,୨୪।୪(ଡି.ଏନ.ଏ.)-ବାଲିଗୁଡା ଉପଖଣ୍ଡ ଚିକିତ୍ସାଳୟ ପରିସରରେ ଥିବା ଆହାର କେନ୍ଦ୍ର ସମ୍ମୁଖରେ ବୁଧବାର ସନ୍ଧ୍ୟାରେ ଜଣେ ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ପଡି ରହିଥିବା ଦେଖିବାକୁ ମିଳିଥିଲା । ବ୍ୟକ୍ତି ଜଣକ ଆହାର କେନ୍ଦ୍ର ନିକଟରେ ପଡ଼ି ରହିଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ନ ଉଠିବାରୁ କିଛି ଲୋକେ ପାଖକୁ ଯାଇ ଦେଖିବାରେ ତାଙ୍କର ମୃତ୍ୟୁ ଘଟି ସାରିଥିବା ଜଣାପଡିଥିଲା। ନିକଟରେ ଡାକ୍ତରଖାନା ଓ ଥାନା ଥିଲେ ସୁଦ୍ଧା ରିପୋର୍ଟ ଲେଖାଯିବା ସୁଦ୍ଧା କେହି ପହଞ୍ଚି ନ ଥିଲେ ।

### ଘର ଜଳିଗଲା

ବେଗୁନିଆପଡ଼ା,୨୪।୪(ଡି.ଏନ୍.ଏ.)- ବେଗୁନିଆପଡ଼ା ବ୍ଲକ ଅନ୍ତର୍ଗତ ଏସ୍. ଛଚିନା ପଞ୍ଚାୟତର ମଠ ବରିଡା ଗ୍ରାମରେ ବୁଧବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟି ପୀତବାସ ଗଉଡଙ୍କର ଏକ ବଖରା ଘର ଜଳିଯାଇଛି। ଖବର ପାଇ କୋଦଳା ଦମକଳ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ନିଆଁ ଲାଗିବାର ପ୍ରକୃତ କାରଣ ଜଣାପଡ଼ିନାହିଁ।

### ସଂଘବଦ୍ଧ ଆକ୍ରମଣ ମାମଲା, ୪ ଗିରଫ

ଆସିକା,୨୪।୪(ଡି.ଏନ୍.ଏ.)-ଆସିକା ଥାନା ଗୁଣ୍ଡପଡ଼ା ଗ୍ରାମରେ ଏକ ସଂଘବଦ୍ଧ ଆକ୍ରମଣରେ ମହେନ୍ଦ୍ର ଗୌଡ ଓ ଦୀପକ ବାଡତ୍ୟା ଗୁରୁତର ହୋଇଥିଲେ । ଏହି ମାମଲାରେ ମଙ୍ଗଳବାର ରାତିରେ ପୋଲିସ ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ସେହି ଗ୍ରାମର କାଳୁଚରଣ ଗୌଡ, ମନୋଜ କୁମାର ବାରିକ, ରୋହିତ ସ୍ୱାଇଁ ଓ ଶଙ୍କର ଗୌଡ। ଗିରଫ ଅଭିଯୁକ୍ତଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ୪ଜଣ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସର ଉଦ୍ୟମ ଜାରି ରହିଥିବା ଥାନା ଅଧିକାରୀ ପୀତବାସ ଧାରୁଆ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଗତ ୧୬ ତାରିଖ ମଧାହ୍ନରେ ମହେନ୍ଦ୍ର ଓ ଦୀପକଙ୍କୁ ଗୁଣ୍ଡପଡା ଗ୍ରାମର ପୃଥକ୍ ପୃଥକ୍ ସ୍ଥାନରେ ସଂଘବଦ୍ଧ ଆକ୍ରମଣ ହୋଇଥିଲା। ଆହତ ମହେନ୍ଦ୍ର ଓ ଦୀପକଙ୍କୁ ଆସିକା ସରକାରୀ ଡାକ୍ତରଖାନା ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ଅଧିକ ଚିକିତ୍ସା ପାଇଁ ପଠାଯାଇଥିଲା। ଏହି ଘଟଣା ସମ୍ପର୍କରେ ୧୭ ତାରିଖରେ ମହେନ୍ଦ୍ରଙ୍କ ବାପା ଚକ୍ରପାଣି ଓ ଦୀପକଙ୍କ ମାଆ ମୈତ୍ରୀ ଆସିକା ଥାନାରେ ନିର୍ବାଚନରେ ଭାଜପାକୁ ସମର୍ଥନ କରୁଥିବାରୁ ସେମାନଙ୍କ ପୁଅ ଉପରେ ଆକ୍ରମଣ ହୋଇଥିବା ନେଇ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ନଂ. ୧୨୬/୧୯ରେ ଏକ ମାମଲା ରୁଜୁ କରିଥିଲା । ଅନ୍ୟପଟେ ୧୭ ତାରିଖରେ ଭାଜପା ଆସିକା ବିଧାୟକ ପ୍ରାର୍ଥୀ ଦେବରାଜ ମହାନ୍ତିଙ୍କ ନେତୃତ୍ୱରେ ଶତାଧିକ ଭାଜପା କର୍ମୀ ଆସିକା ଥାନାରେ ପହଞ୍ଚି ରାଜନୈତିକ ପ୍ରତିପକ୍ଷତାକୁ ନେଇ ହୋଇଥିବା ଏହି ଆକ୍ରମଣରେ ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ କରିବା ପାଇଁ ଦାବି ଜଣାଇଥିଲା ବେଳେ ସିପିଆଇ (ଏମ-ଏଲ) ରେଡଷ୍ଟାର ର ଆସିକା ଲୋକ ସଭା ପ୍ରାର୍ଥୀଶଙ୍କର ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବ୍ରହ୍ମପୁର ପୋଲିସ ଆଇଜିଙ୍କୁ ଭେଟି ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ଲାଗି ଦାବି ଜଣାଇଥିଲେ।

# ତାପମାତ୍ରା ୪୦ ଡିଗ୍ରୀ, ଖୋଲିନି ଜଳଛତ୍ର

## ପାଣି ଚିନ୍ତା ଛାଡ଼ି ନିର୍ବାଚନରେ ବ୍ୟସ୍ତ ପ୍ରଶାସନ

ଭଞ୍ଜନଗର,୨୪।୪(ଡି.ଏନ.ଏ.)

ଭଞ୍ଜନଗର ଅଞ୍ଚଳରେ ବୁଧବାର ତାପମାତ୍ରା ୪୦ ଡ଼ିଗ୍ରୀ ଥିଲା । ଏଥିସହ ଝାଞ୍ଜି ପବନ ବହୁଥିବାରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡ଼ିଥିଲା। ଭଞ୍ଜନଗର ଅଞ୍ଚଳର ପ୍ରମୁଖ ରାସ୍ତା ଗୁଡ଼ିକ ଜନଶୂନ୍ୟ ହୋଇ ପଡ଼ିଥିଲା। ଅନ୍ୟପକ୍ଷରେ ପୂର୍ବାହ୍ନ ୧୧ଟାରୁ ସାଢ଼େ ୩ଟା ପର୍ଯ୍ୟନ୍ତ ବାହାରେ କାମ କରିବାକୁ ପ୍ରଶାସନ ପକ୍ଷରୁ ବାରଣ କରାଯାଇଥିଲେ ମଧ କେତକ ସ୍ଥାନରେ ଶ୍ରମିକମାନେ କାମ କରୁଥିବା ଲକ୍ଷ୍ୟ କରାଯାଇଛି। ଆଗକୁ ଭଞ୍ଜନଗର ଅଞ୍ଚଳରେ ତାପମାତ୍ରା ଆହୁରି ବଢ଼ିବା ସମ୍ଭାବନା ଥିବା ନେଇ ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି। ତାପମାତ୍ରା ବୃଦ୍ଧି ଯୋଗୁ ଭଞ୍ଜନଗର, ବେଲଗୁଣ୍ଠା ବ୍ଲକର ଅଧିକାଂଶ ନଦୀନାଳ ଶୁଖିଲା ପଡ଼ିଗଲାଣି । କୂଅ, ନଳକୂପର ଜଳସ୍ତର ବହୁତ ତଳକୁ ଚାଲିଗଲାଣି । ମେ ମାସରେ ପାନୀୟ ଜଳ ସମସ୍ୟା ଉତ୍କଟ ହେବା ସମ୍ଭାବନା ରହିଛି । ଏହାର ମୁକାବିଲା ପାଇଁ ୨ଟି ଯାକ ବ୍ଲକ ପ୍ରଶାସନ ପକ୍ଷରୁ ସେଭଳି କୌଣସି ପଦକ୍ଷେପ ନିଆଯାଇନାହିଁ। ଅଚଳ ଷ୍ଟାଣ୍ଡପୋଷ୍ଟ ଓ ନଳକୂଅଗୁଡ଼ିକୁ ମରାମତି କରାଯାଉନାହିଁ । ଅଧିକାଂଶ ଅଞ୍ଚଳରେ ଜଳଛତ୍ର ମଧ୍ୟ ଖୋଲାଯାଇନାହିଁ । ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । କେତକ ସ୍ଥାନରେ କାଗଜ କଲମରେ ଜଳଛତ୍ର ଖୋଲା ଯାଇଥିବା ଅଭିଯୋଗ ହେଉଛି । ବ୍ଲକ ପ୍ରଶାସନ ନିର୍ବାଚନରେ ବ୍ୟସ୍ତ ଅଛି। ଅଂଶୁଘାତର ମୁକାବିଲା କିଭଳି କରାଯିବ ସେନେଇ ପ୍ରଶାସନ ପକ୍ଷରୁ ପଦକ୍ଷେପ ନେବାପାଇଁ ଦାବି ହୋଇଛି । ଏ ନେଇ ବେଲଗୁଣ୍ଠା ବିଡ଼ିଓ ଏସ.କେ.ବେହେରାଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଜଳଛତ୍ର ଖୋଲିବା ପାଇଁ ପଞ୍ଚାୟତଗୁଡ଼ିକୁ ନିର୍ଦ୍ଦେଶ ଦିଆଯିବ। ନିର୍ବାଚନ ପୂର୍ବରୁ ସମସ୍ତ ହ୍ୟାଣ୍ଡ ଟ୍ୟୁବଲ ଓ ଷ୍ଟାଣ୍ଡପୋଷ୍ଟ ସଚଳ ଥିଲା। ବର୍ତ୍ତମାନ ପୁଣି ଶତପ୍ରତିଶତ ସଚଳ ନେଇ ଯାଞ୍ଚ କରିବା ପାଇଁ ବିଭାଗୀୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଯେଉଁଠି ଅଚଳ ଥିବ ତାହା ତୁରନ୍ତ ମରାମତି କରିବା ପାଇଁ ପଦକ୍ଷେପ ନିଆଯିବ । ଶ୍ରମ ବିଭାଗ ଅଧିକାରୀଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଖରାବେଳେ ବାହାରେ କାମ କରିବା ଉପରେ ସରକାରଙ୍କ ପକ୍ଷରୁ ବାରଣ କରାଯାଇଛି । ଏ ନେଇ ସମସ୍ତ ସରକାରୀ କାର୍ଯ୍ୟାଳୟକୁ ନିର୍ଦ୍ଦେଶନାମା ଦିଆଯାଇଛି । କୌଣସି ସରକାରୀ କାମ କିମ୍ବା ଠିକା କାମ ବାରଣ ସମୟରେ ହେଉଥିବା ନଜରକୁ ଆସିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ।

# ଆସିକା ବ୍ଲକ: ଉନ୍ନୟନ କାର୍ଯ୍ୟର ସମୀକ୍ଷା

ଆସିକା,୨୪।୪ (ଡି.ଏନ୍.ଏ)

ଆସିକା ବ୍ଲକ ସଭା ଗୃହରେ ବୁଧବାର ବ୍ଲକର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରାଯାଇଥିଲା। ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଇଂ. ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ବୈଠକରେ ଉପସ୍ଥିତ ରହି ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଥିଲେ। ଏହି ଅବସରରେ ଆସିକା ବ୍ଲକର ୨୭ଟି ପଞ୍ଚାୟତରେ ଚାଲିଥିବା ବିଜୁ ପକ୍କାଘର, ନିର୍ମାଣ ଶ୍ରମିକ ପକ୍କାଘର, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଏମ୍‌ଜିଏନ୍‌ଆର୍‌ଇଜିଏସ୍, ସ୍ୱଚ୍ଛ ଭାରତ ମିଶନ, ଚତୁର୍ଦ୍ଦଶ ଅର୍ଥ କମିଶନ ଓ ଚତୁର୍ଥ ରାଜ୍ୟ ଅର୍ଥ କମିଶନ ପାଣ୍ଠିର ବିନିଯୋଗ ସହ ୨୦୧୮-୧୯ ଆର୍ଥିକ ବର୍ଷର ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ଶୀଘ୍ର ସାରିବା ସହିତ ୨୦୧୯-୨୦ ଆର୍ଥିକ ବର୍ଷ ଲାଗି ଯୋଜନା ପ୍ରସ୍ତୁତି ଓ କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା ହୋଇଥିଲା। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ତୃଣମୂଳ ସ୍ତରରେ ହିତାଧିକାରୀ ତାଲିକା ଅନୁଯାୟୀ ହିତାଧିକାରୀ ଚୟନ ଓ ସେମାନଙ୍କ ନାମ ତୁରନ୍ତ ପଞ୍ଜିକରଣ କରିବା ପାଇଁ ଗୁରୁତ୍ୱାରୋପ କରାଯାଇଥିଲା। ୧୩୬ଟି ବିଜୁ ପକ୍କାଘର ମଧ୍ୟରୁ ଅସମ୍ପୂର୍ଣ୍ଣ ରହିଥିବା ୨୧ଟି କାର୍ଯ୍ୟକୁ ମାସେ ମଧ୍ୟରେ ଶେଷ କରିବା ପାଇଁ ତାଗିଦ କରାଯାଇଥିଲା। ୧୯୦ଟି ନିର୍ମାଣ ଶ୍ରମିକ ପକ୍କାଘର ଲାଗି ରହିଥିବା ଯୋଜନାରେ ହିତାଧିକାରୀ ମାନଙ୍କ ନାମ ପଞ୍ଜିକରଣ ସହ କାର୍ଯ୍ୟାଦେଶ ଦିଆଯାଇଥିବା ୯୦ଜଣ ହିତାଧିକାରୀଙ୍କ କାର୍ଯ୍ୟ ତୁରନ୍ତ ସାରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ସେହିଭଳି ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ରହିଥିବା ୫ଲକ୍ଷ ୩୮ହଜାର କର୍ମ ଦିବସକୁ ପ୍ରତ୍ୟେକ ମାସରେ ରହିଥିବା ଯୋଜନା ମୁତାବକ ସାରିବା ସହ ଏହି ଯୋଜନାରେ କନିଷ୍ଠ ଯନ୍ତ୍ରୀ ଏବଂ ପଞ୍ଚାୟତ ନିର୍ବାହୀ ଅଧିକାରୀ ମିଶି କାର୍ଯ୍ୟଦିବସ ସୃଷ୍ଟି ଦିଗରେ ଯତ୍ନବାନ ହେବା ଲାଗି ନିର୍ଦ୍ଦେଶ ଦିଆଯାଇଥିଲା। ଚତୁର୍ଦ୍ଦଶ ଅର୍ଥ କମିଶନ ଯୋଜନାରେ ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ଶୀଘ୍ର ସାରିବା ଓ ନୂତନ କାର୍ଯ୍ୟ ଆରମ୍ଭ କରିବା ସହ ପଞ୍ଚାୟତ ସ୍ତରରେ ଏ ସମ୍ପର୍କରେ ବିଧିବଦ୍ଧ ଭାବେ ସମସ୍ତ ଖାତାପତ୍ର ସଠିକ ପରିଚାଳନା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସେହିଭଳି ସ୍ୱଚ୍ଛଭାରତ ମିଶନ ଯୋଜନାରେ ରହିଥିବା ୧୨ ହଜାର ପାଇଖାନା ମଧ୍ୟରୁ ମାତ୍ର ୧୨ଶହ ପାଇଖାନା ନିର୍ମାଣ କାର୍ଯ୍ୟ ଅସମ୍ପୂର୍ଣ୍ଣ ରହିଛି । ଏହି କାର୍ଯ୍ୟକୁ ଶୀଘ୍ର ସାରିବା ସହ କାର୍ଯ୍ୟସରିଥିବା ଯୋଜନା ଓ ହିତାଧିକାରୀଙ୍କ ଫଟୋ ଚିତ୍ର ଦାଖଲ କରି ତୁରନ୍ତ ସେମାନଙ୍କୁ ସହାୟତା ରାଶି ପ୍ରଦାନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ବୈଠକରେ ପିଡି ସ୍ୱାଇଁଙ୍କ ସମେତ ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ ଦେବବ୍ରତ ସାହୁ, ବିଡିଓ ଗାୟତ୍ରୀଦ ନାୟକ, ସହକାରୀ ଯନ୍ତ୍ରୀ ସଚ୍ଚିଦାନନ୍ଦ ଦାସ ଏବଂ ବିଭିନ୍ନ ପଞ୍ଚାୟତରେ କର୍ତ୍ତବ୍ୟରତ କନିଷ୍ଠ ଯନ୍ତ୍ରୀ, ଗ୍ରାମ ରୋଜଗାର ସେବକ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀମାନେ ସାମିଲ ଥିଲେ।

# କାମରେ ଆସୁନି ସୌରଚାଳିତ ଜଳ ପ୍ରକଳ୍ପ

ପୋଲସରା,୨୪।୪(ଡି.ଏନ.ଏ.)




ନବ ନିର୍ମିତ ସୌରଚାଳିତ ଜଳ ଯୋଗାଣ ପ୍ରକଳ୍ପ ।

ପୋଲସରା ଏନ୍‌ଏସିର ୧୨ନଂ. ୱାର୍ଡରେ ଜନସାଧାରଣଙ୍କ ହିତ ଉଦ୍ଦେଶ୍ୟରେ ସୌରଚାଳିତ ପାନୀୟ ଜଳ ପ୍ରକଳ୍ପ ସ୍ଥାପନ ହୋଇଥିଲା। ଏହାକୁ ମାର୍ଚ୍ଚ ୮ରେ ଲୋକାର୍ପିତ କରାଯାଇ ଉଦ୍‌ଘାଟନ କରାଯାଇଥିଲା। ହେଲେ ଉଦ୍‌ଘାଟନର ହେବାର ମାସାଧିକ ସମୟ ବିତିଲାଣି ତଥାପି ପ୍ରକଳ୍ପଟି ଏନ୍‌ଏସି ପ୍ରଶାସନର ଅବହେଳା ଯୋଗୁ ଉଦ୍‌ଘାଟନ ପରଦିନଠାରୁ କାର୍ଯ୍ୟକ୍ଷମ ନ ହୋଇ ପଡ଼ି ରହିଛି। ଏଟିଏମ୍ କାର୍ଡ ସାହାଯ୍ୟରେ ଲୋକେ ବିଶୁଦ୍ଧ ପାଣି ପିଇବା ପାଇବେ ବୋଲି ସରକାର ଯେଉଁ ଆଶା ନେଇ ଏହି ପ୍ରକଳ୍ପ କରିଥିଲେ ତାହା ବର୍ତ୍ତମାନ ଅଚଳ ହୋଇପଡ଼ିଛି। ଏଟିଏମ୍ କାର୍ଡ ଲାଗି ମେସିନ ଲାଗିଛି। ୧୨ନଂ. ୱାର୍ଡର ଜନସାଧାରଣଙ୍କ ପାଇଁ ୧୫୦ଟି ଏଟିଏମ୍ କାର୍ଡ ଆସିଛି। କିନ୍ତୁ ସେଥିରୁ ମାତ୍ର ୨ ଜଣଙ୍କୁ କାର୍ଡ ପ୍ରଦାନ କରାଯାଇଥିଲା। ଏହି କାର୍ଡରେ ମାସକୁ ୬୦ ଟଙ୍କା ମଧ ଜମା କରାଯାଇଥିଲା। କିନ୍ତୁ ବ୍ୟବହାରକାରୀ କାର୍ଡ ପୂରାଇ ଥରେ କିମ୍ବା ଦୁଇଥର ପାଣି ନେଇଛନ୍ତି। ତା ପରେ ଆଉ ପାଣି ଆସିନଥିଲା। ଉକ୍ତ ପ୍ରକଳ୍ପ ନେଇ ଏନ୍‌ଏସି ପ୍ରଶାସନିକ ବିଭାଗର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ଦାସ କୁହନ୍ତି ଯେଉଁ ମେକାନିକ୍ ଏହାକୁ କରିଥିଲା ତା'ର ସମୟ ଅଭାବରୁ କାର୍ଯ୍ୟକ୍ଷମ ହୋଇପାରିନି ଏବଂ ତା' ପରେ ନିର୍ବାଚନ ଦାୟିତ୍ୱ ପଡ଼ିଗଲା। ଏହା ତୁରନ୍ତ କାର୍ଯ୍ୟକ୍ଷମ କରାଯିବ ବୋଲି କହିଥିଲେ ।

### ଆରାଧନା ଦିବସ

ଆସିକା,୨୪।୪ (ଡି.ଏନ୍.ଏ)

ଆସିକା ସତ୍ୟସାଇ ସେବା ସମିତି ପକ୍ଷରୁ ବୁଧବାର ସତ୍ୟସାଇ ବାବାଙ୍କ ମହାପ୍ରୟାଣ ଦିବସକୁ ଆରାଧନା ଦିବସ ରୂପେ ପାଳନ କରାଯାଇଛି। ଏହି ଅବସରରେ ଭୋର ନଗର ସଂକୀର୍ତ୍ତନ ପରେ ସମିତି ପରିସରରେ ଷୋଡଶ ଉପଚାର ପୂଜା ଓ ପ୍ରଶାନ୍ତି ଧ୍ୱଜା ଉତ୍ତୋଳନ କରାଯାଇଥିଲା। ସତ୍ୟସାଇ ଭକ୍ତଙ୍କ ଦ୍ୱାରା ଆସିକା ସରକାରୀ ଡାକ୍ତରଖାନାରେ ରୋଗିଙ୍କୁ ଫଳ ବଣ୍ଟନ ସହ ଜଣେ ଗରିବ ବ୍ୟକ୍ତିଙ୍କୁ ଏକ ମାସର ଚାଉଳ ଓ ଡାଲି ଆଦି ଯାବତୀୟ ଆବଶ୍ୟକୀୟ ସାମଗ୍ରୀ (ଅମୃତ କଳସ) ପ୍ରଦାନ କରାଯାଇଥିଲା । ସନ୍ଧ୍ୟାରେ ସମିତି ପରିସରରେ ଏକ ରକ୍ତଦାନ ଶିବିର (ଅମୃତ ବିନ୍ଦୁ କାର୍ଯ୍ୟକ୍ରମ) ଅନୁଷ୍ଠିତ ହୋଇଥିଲା । ବ୍ରହ୍ମପୁର ରକ୍ତଭଣ୍ଡାରର ସହାୟତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ରହି ରକ୍ତଦାନ କରିଥିଲେ। ଅଜିତ ପଟ୍ଟନାୟକ, ଗଙ୍ଗାଧର ଗୌଡ଼, ଦେବରାଜ ପାତ୍ର, ମନୋଜ କୁମାର ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଲାଠିରେ ସୋଡ଼ଗାଜିଆ ଏନାଦ୍ରି ବେଶ



ଲାଠିରେ ମାନସିକଧାରୀମାନେ ବେଶ ପଡ଼ିଛନ୍ତି।

କୁକୁଡ଼ାଖଣ୍ଡି,୨୪।୪(ଡି.ଏନ.ଏ.)

କୁକୁଡ଼ାଖଣ୍ଡି ବ୍ଲକ ଲାଠି ଗ୍ରାମରେ ସୋଡ଼ ଗାଜିଆ ଏନାଦ୍ରି ବେଶ ବୁଧବାର ବାହାରିଛି। ବ୍ରହ୍ମପୁରରେ ଠାକୁରାଣୀ ଯାତ୍ରା ପାଳନ ହେଉଛି। ଏହି ଯାତ୍ରା ଉପଲକ୍ଷେ ଲାଠିରେ ମାନସିକଧାରୀମାନେ ଏହି ବେଶ ପଡ଼ିଛନ୍ତି। ଲାଠିରୁ ବାହାରି ନୃତ୍ୟ ବାଦ୍ୟ ସହ ସମସ୍ତେ ବ୍ରହ୍ମପୁର ସହର ଦେଶି ବେହେରା ସାହିକୁ ଯାଇ ମା' ଠାକୁରାଣୀଙ୍କ ଦର୍ଶନ କରିଥିଲେ। ବୁଧବାର ବ୍ରହ୍ମପୁର ଏବଂ ଆଖପାଖ ଅଞ୍ଚଳରେ ବାଦ୍ୟ ସହ ନୃତ୍ୟ ପରିବେଷଣ କରିଛନ୍ତି। ଏଥିରେ ଲାଠି ଗ୍ରାମବାସୀ ମାନସିକଧାରୀଙ୍କ ସାଥିରେ ରହି ସହଯୋଗ କରିଛନ୍ତି। ଏ ନେଇ ମାନସିକଧାରୀ କହିଛନ୍ତି ବାଦ୍ୟ ନୃତ୍ୟ ସହ ଏହି ବେଶରେ ମା'ଙ୍କୁ ଦର୍ଶନ କରିବା ଆମଙ୍କ ପାଇଁ ସୌଭାଗ୍ୟ। ଠାକୁରାଣୀ ଯାତ୍ରା ପାଇଁ ଲାଠି ଗ୍ରାମାବାସୀଙ୍କ ଉତ୍ସାହ ରହିଥିବା ଏହି ନୃତ୍ୟ ବେଶରୁ ବ୍ରହ୍ମପୁରବାସୀ ଜାଣିପାରୁଥିବେ ବୋଲି କହିଛନ୍ତି।

# ଭଞ୍ଜନଗର ଆହାର କେନ୍ଦ୍ରରେ ଅଗ୍ନିକାଣ୍ଡ



ଆହାର କେନ୍ଦ୍ର ରୋଷେଇ ଘରେ ସାମଗ୍ରୀ ପୋଡ଼ିଯାଇଛି ।

ଭଞ୍ଜନଗର,୨୪।୪(ଡି.ଏନ.ଏ.)

- ଆୟତ୍ତ କଲେ ଦମକଳ ବାହିନୀ
- ରାସ୍ତାରେ ମଇଳା ପାଣି,ଏନଏସି କର୍ତ୍ତୃପକ୍ଷ ନୀରବ

ଭଞ୍ଜନଗର ଆହାର କେନ୍ଦ୍ରରେ ବୁଧବାର ସକାଳେ ରୋଷେଇ ଚାଲିଥିବା ବେଳେ ସିଲିଣ୍ଡରରୁ କୌଣସି ପ୍ରକାରେ ଗ୍ୟାସ୍ ଲିକ୍ ହୋଇ ନିଆଁ ଲାଗିଯାଇଥିଲା। ଫଳରେ ସେଠାରେ ଥିବା ବିଭିନ୍ନ ପ୍ଲାଷ୍ଟିକ୍ ଜିନିଷ ପୋଡ଼ିଯାଇଥିଲା। ଭଞ୍ଜନଗର ଦମକଳ ବାହିନୀ ତୁରନ୍ତ ପହଞ୍ଚି ନିଆଁକୁ ଆୟତ୍ତ କରିବାରୁ ଏକ ବଡ଼ଧରଣର ବିପଦ ଟଳିଯାଇଛି । ଆହାର କେନ୍ଦ୍ରକୁ ଲାଗି ଭଞ୍ଜନଗର ଉପଖଣ୍ଡ ହସ୍ପିଟାଲ ଶିଶୁ ୱାର୍ଡ। ନିଆଁ ଲାଗିବା ବେଳେ ରୋଷେଇ ଘରେ ୩ଟି ଗ୍ୟାସ୍ ଭର୍ତ୍ତି ସିଲିଣ୍ଡର ଥିଲା । ଉକ୍ତ ସିଲିଣ୍ଡର ଫାଟି ଥିଲେ ପରିସ୍ଥିତି ଅଣାୟତ ହୋଇପଡ଼ିଥାନ୍ତା । ଲୋକଙ୍କ ମଧ୍ୟରେ ସଚେତନତା ଅଭାବ ଯୋଗୁ ଏଭଳି ଦୁର୍ଘଟଣା ବାରମ୍ବାର ଘଟୁଛି । ସିଲିଣ୍ଡର କିଣିବା ସମୟରେ ଗ୍ୟାସ୍ ଲିକ୍ ହେଉଛି କି ନାହିଁ ସେ ନେଇ ଉପଭୋକ୍ତାମାନେ ଯାଞ୍ଚ କରୁନାହାନ୍ତି । ନିର୍ଦ୍ଧାରିତ ସମୟରେ ରେଗୁଲେଟର ଓ ପାଇପ୍ ବଦଳା ଯାଉନାହିଁ । ତେଣୁ ଗ୍ରାହକମାନଙ୍କୁ ଏ ନେଇ ସଚେତନ କରାଯିବା ଆବଶ୍ୟକ ରହିଛି । ଅନ୍ୟପକ୍ଷରେ ଡ୍ରେନ୍ ବ୍ୟବସ୍ଥା ନଥିବା ଯୋଗୁ କିଛିଦିନ ହେବ ଆହାର କେନ୍ଦ୍ରର ମଇଳା ପାଣି ରାସ୍ତାରେ ଭାସୁଛି। ଏହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି । ଏ ନେଇ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହୋଇଛି । ଆହାର କେନ୍ଦ୍ର ଦାୟିତ୍ୱରେ ଥିବା ଏନଏସିର ଜଣେ ଅଧିକାରୀ କହିଛନ୍ତ, ଦୁଇଦିନ ମଧ୍ୟରେ ଡ୍ରେନ କାମ ଆରମ୍ଭ ହେବ । ସିଲିଣ୍ଡରରୁ ଗ୍ୟାସ୍ ଲିକ୍ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି । ତେଣୁ ସମସ୍ତ ସିଲିଣ୍ଡର ଓ ରେଗୁଲେଟରକୁ ତୁରନ୍ତ ବଦଳାଇ ଦିଆଯାଇଛି । ଅଗ୍ନିକାଣ୍ଡରେ ସେଭଳି କୌଣସି ବଡ଼ଧରଣର କ୍ଷୟକ୍ଷତି ହୋଇନାହିଁ । ନିର୍ଦ୍ଧାରିତ ସମୟରେ ଲୋକଙ୍କୁ ଖାଦ୍ୟ ଯୋଗାଇ ଦିଆଯାଇଛି ।

# ଆର୍‌ଡିଙ୍କ ଭଞ୍ଜନଗର କଲେଜ ପରିଦର୍ଶନ



କେ.ଏସ୍.ୟୁ.ବି କଲେଜରେ ଆରଡ଼ି ଡ.ତ୍ରିପାଠୀ ଅଧାପିକା ଅଧାପକଙ୍କୁ ପରାମର୍ଶ ଦେଉଛନ୍ତି।

ଭଞ୍ଜନଗର,୨୪।୪(ଡି.ଏନ.ଏ)

ଆଞ୍ଚଳିକ ଉଚ୍ଚଶିକ୍ଷା ନିର୍ଦ୍ଦେଶକ (ଆରଡ଼ି) ଡ.ଲକ୍ଷ୍ମୀକାନ୍ତ ତ୍ରିପାଠୀ ବୁଧବାର ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ (କେ.ଏସ୍.ୟୁ.ବି) କଲେଜ ପରିଦର୍ଶନ କରିଥିଲେ। ଏହି ସମୟରେ ସେ କଲେଜର ବିଭିନ୍ନ କାଗଜପତ୍ର ଯାଞ୍ଚ କରିଛନ୍ତି। ଅଧାପିକା ଅଧାପକଙ୍କ ବୈଠକରେ ଗୁଣାତ୍ମକ ଶିକ୍ଷାର ବିକାଶ ଉପରେ ସେ ଗୁରୁତ୍ୱାରୋପ କରିବା ସହ ପରୀକ୍ଷା ପରିଚାଳନା, ମୂଲ୍ୟାୟନ ପ୍ରମୁଖ ବିଷୟରେ ମଧ ଆଲୋଚନା କରିଥିଲେ। ଏହି ସମୟରେ ଭାରପ୍ରାପ୍ତ ଅଧକ୍ଷ ଦାମୋଦର ଷଡ଼ଙ୍ଗୀ, ସହ ପ୍ରଶାସନିକ ଅଧିକାରୀ ଡ.ଆର୍.ଏନ୍.ପାଳ, ପ୍ରାଧ୍ୟାପକ ସୁକାନ୍ତ କୁମାର ମିଶ୍ର, ଡ.ବିନୋଦ ଚନ୍ଦ୍ର ଦାସ, ବିଭୂତି ଭୂଷଣ ପାଣିଗ୍ରାହୀ, ଆର୍.କେ.ଦାସ, ସାତ୍ୱିକୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ଆରଡ଼ି ସ୍ଥାନୀୟ ସାବିତ୍ରୀ ମହିଳା ମହାବିଦ୍ୟାଳୟ ପରିଦର୍ଶନ କରି ସେଠାରେ ଅଧାପିକା ଅଧାପକଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଅଧକ୍ଷା ଶାନ୍ତି କୁମାରୀ ଉପାଧ୍ୟାୟ ଏହି ସମୟରେ ଉପସ୍ଥିତ ଥିଲେ ।

# ବାଇକ୍ ଦୁର୍ଘଟଣାରେ ଜଣେ ମୃତ

ଜି.ଉଦୟଗିରି,୨୪।୪(ଡି.ଏନ.ଏ.)

ଜି.ଉଦୟଗିରିରୁ ୩ କିମି ଦୂରବର୍ତ୍ତୀ କଳିଙ୍ଗା ରାସ୍ତାର ପଣସବାଙ୍କିଠାରେ ବୁଧବାର ଅପରାହ୍ନରେ ଏକ ବାଇକ୍ ଦୁର୍ଘଟଣାରେ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପ୍ରଦୀପ ମାଝୀ (୪୫)। ଗୁରୁତର ଘନଶ୍ୟାମ ପ୍ରଧାନଙ୍କୁ ଅଧିକ ଚିକିତ୍ସା ପାଇଁ ଫୁଲବାଣୀ ହସ୍ପିଟାଲକୁ ପଠାଯାଇଛି। ଏ ନେଇ ଜି.ଉଦୟଗିରି ପୋଲିସ ନଂ.୫୩/୧୯ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପ୍ରକାଶ ଯେ, ଭଞ୍ଜନଗର ଥାନା ରାଇପଲ୍ଲୀର ପ୍ରଦୀପ ଓ ଘନଶ୍ୟାମ ମିଶି ଜି.ଉଦୟଗିରି ନିକଟ ପୁକୁଲିଙ୍ଗିଆ ଗାଁକୁ ଜଣଙ୍କ ଶୁଦ୍ଧି କାର୍ଯ୍ୟରେ ଯୋଗଦେବା ପାଇଁ ଆସିଥିଲେ। ଶୁଦ୍ଧି କାର୍ଯ୍ୟ ସାରି ନିଜ ବାଇକ୍ ଯୋଗେ ରାଇପଲ୍ଲୀକୁ ଫେରୁଥିବା ବେଳେ ପଣସବାଙ୍କିଠାରେ ବାଇକ୍ ୧୦ ଫୁଟ ତଳକୁ ଖସି ଦୁର୍ଘଟଣା ଘଟିଥିଲା। ଖବର ପାଇ ଜି.ଉଦୟଗିରି ଦମକଳ ବାହିନୀ ଦୁଇଜଣଙ୍କୁ ଉଦ୍ଧାର କରି ଜି.ଉଦୟଗିରି ହସ୍ପିଟାଲକୁ ନେଇଥିଲା। ସେଠାରେ ପ୍ରଦୀପଙ୍କୁ ମୃତ ଘୋଷଣା କରାଯାଇଥିବା ବେଳେ ଘନଶ୍ୟାମଙ୍କୁ ଫୁଲବାଣୀ ରେଫର କରାଯାଇଛି।

# ବସ୍ ଧକ୍କାରେ ସାଇକେଲ ଆରୋହୀ ମୃତ

ହିଞ୍ଜିଳିକାଟୁ,୨୪।୪(ଡି.ଏନ୍.ଏ.)

ହିଞ୍ଜିଳି ଥାନା ଖଣ୍ଡରା ଛକ ନିକଟରେ ଏକ ଘରୋଇ ଯାତ୍ରୀବାହୀ ବସ୍ ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଖଣ୍ଡରା ଗ୍ରାମର ରବୀନ୍ଦ୍ର ସ୍ୱାଇଁ (୫୦)। ଏ ନେଇ ହିଞ୍ଜିଳି ଥାନାରେ ନଂ.୧୦୮/୧୯ ରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ଦୁର୍ଘଟଣାଗ୍ରସ୍ତ ବସ୍ ସହ ମୃତଦେହ ଜବତ କରିଛି। ଗୁରୁବାର ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯିବ ବୋଲି ଥାନା ଭାରପ୍ରାପ୍ତ ଅଧିକାରୀ ଅଭିମନ୍ୟୁ ଦାସ କହିଛନ୍ତି। ବୁଧବାର ସନ୍ଧ୍ୟା ପ୍ରାୟ ୭ଟାରେ ରବୀନ୍ଦ୍ର ହିଞ୍ଜିଳିକାଟୁ ବଜାରରୁ ସାଇକେଲ ଯୋଗେ ଗ୍ରାମକୁ ଫେରୁଥିବା ବେଳେ ପୁରୁଷୋତ୍ତମପୁର ଅଞ୍ଚଳରୁ ହିଞ୍ଜିଳି ଅଭିମୁଖେ ଯାଉଥିବା ଏକ ଘରୋଇ ଯାତ୍ରୀବାହୀ ବସ୍ ଖଣ୍ଡରା ଛକ ନିକଟରେ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ରବୀନ୍ଦ୍ରଙ୍କୁ ଉଦ୍ଧାର କରି ହିଞ୍ଜିଳିକାଟୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଚଳାଇଛି। ଦୁର୍ଘଟଣା ପରେ ବସ୍ ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି।

# ଅବ୍ୟବସ୍ଥା ଘେରରେ ନୂଆପଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର

ପ୍ରକାଶଚନ୍ଦ୍ର ସାହୁ
ଚିକିଟି,୨୪।୪(ଡି.ଏନ.ଏ.)



ନୂଆପଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର।

ଚିକିଟି ବ୍ଲକ ଅନ୍ତର୍ଗତ ନୂଆପଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘଦିନ ହେଲା ଅନେକ ସମସ୍ୟା ଲାଗି ରହିଛି। ସମସ୍ୟା ସମାଧାନ ପାଇଁ ବାରମ୍ବାର ଦାବି ହୋଇ ଆସୁଥିଲେ ମଧ କୌଣସି ସୁଫଳ ମିଳୁନାହିଁ। ଯଦ୍ଦ୍ୱାରା ଆଗାମୀ ଦିନରେ ରୋଗୀ ସେବା ନେଇ ଅନିଶ୍ଚିତତା ଦେଖାଦେବା ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ।

୧୯୪୭ରେ ସ୍ଥାପିତ ଏହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଚିକିଟି ଓ ଦିଗପହଣ୍ଡି ବ୍ଲକ୍‌ର ୨୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ନିର୍ଭର କରନ୍ତି । ଏଠାରେ ଦୀର୍ଘ ୧୦ବର୍ଷ ଧରି ଡାକ୍ତର ପଦବୀ ଖାଲି ପଡିଥିଲା । ବହୁ ଦାବି ପରେ ମାସକ ତଳେ ଜଣେ ନିୟମିତ ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇଛି। ତେବେ ନିୟମିତ ଆସୁ ନ ଥିବା କାରଣରୁ ଜରୁରୀକାଳିନ ଚିକିତ୍ସା ପାଇଁ ରୋଗୀଙ୍କୁ ବ୍ରହ୍ମପୁର ବଡ ମେଡିକାଲ କିମ୍ବା ଘରୋଇ ନର୍ସିଂ ହୋମ ନେବାକୁ ପଡୁଛି। ଗ୍ରାମବାସୀ ଏ ସମ୍ପର୍କରେ ଜିଲା ଚିକିତ୍ସାଧିକାରୀ ଏବଂ ଚିକିଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଚିକିତ୍ସାଧିକାରୀଙ୍କୁ ବାରମ୍ବାର ଅବଗତ କରାଇ ବିଫଳ ହେବାରୁ ନିକଟରେ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକ ଡା. ସୁଶିଲ କୁମାର କରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଏହି ସମସ୍ୟା ସାମାଧାନ ନ ହେଲେ ଆନ୍ଦୋଳନାତ୍ମକ କାର୍ଯ୍ୟପନ୍ଥା ଅବଲମ୍ବନ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘ ୩ ବର୍ଷରୁ ଉର୍ଦ୍ଧ୍ୱ ୨ ଆଟେଣ୍ଡାଣ୍ଟ ଓ ୨ ନର୍ସ ଅବସର ଗ୍ରହଣ କରିଛନ୍ତି। ଉକ୍ତ ପଦବୀରେ ଏ ପର୍ଯ୍ୟନ୍ତ କାହାରିକୁ ନିଯୁକ୍ତି ଦିଆଯାଇନାହିଁ। ସେହିପରି ରୋଗୀଙ୍କ ପାଇଁ ଆବଶ୍ୟକ ଆନୁଷଙ୍ଗିକ ବ୍ୟବସ୍ଥା ଏବଂ ଆମ୍ବୁଲାନ୍ସ ମଧ ନାହିଁ । ଏସବୁ ସମସ୍ୟାର ସମାଧାନ ପାଇଁ ଜିଲା ପ୍ରଶାସନ ତୁରନ୍ତ ପଦକ୍ଷେପ ନେବା ଦରକାର ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ବିଜୟ କୁମାର ପାଣିଗ୍ରାହୀଙ୍କ ସହ ଯୋଗାଯୋଗ ବେଳେ ସେ କହିଛନ୍ତି, ସମସ୍ୟା ନେଇ ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ ଆସିଛି। ଚିକିଟି ଭାରପ୍ରାପ୍ତ ଚିକିତ୍ସା ଅଧିକାରୀଙ୍କୁ ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ରିପୋର୍ଟ ଦେବା ପାଇଁ କୁହାଯାଇଛି। ଡାକ୍ତର ନିୟମିତ ଭାବେ ଆସୁ ନ ଥିଲେ ତାଙ୍କଠାରୁ କୈଫିୟତ ମଗାଯିବ ବୋଲି କହିଛନ୍ତି। ଅନ୍ୟପକ୍ଷରେ ଭାରପ୍ରାପ୍ତ ଚିକିତ୍ସାଧିକାରୀ ବଳରାମ ବେହେରା ଗ୍ରାମବାସୀଙ୍କ ଅଭିଯୋଗକୁ ଅସ୍ୱୀକାର କରିବା ସହ ଡାକ୍ତର ଜଣକ ନିୟମିତ ଆସି ନିଜ କାର୍ଯ୍ୟ ତୁଲାଉଥିବା କହିଛନ୍ତି । ଡା. ଆଶୁତୋଷ ପାଢୀଙ୍କ ସହ ଯୋଗାଯୋଗ ବେଳେ ସେ ନିୟମିତ ଡାକ୍ତରଖାନାକୁ ଆସୁଥିବା କହିଛନ୍ତି। କ୍ୱାର୍ଟର ନ ଥିବାରୁ ରହିପାରୁ ନ ଥିବା ଜଣାଇଥିଲେ।

## ସଂକ୍ଷେପରେ

### ଚୋରି ବାଇକ୍ ଜବତ, ୩ କୋର୍ଟଚାଲାଣ

ଗୋପାଳପୁର,୨୪।୪-ଜଣେ ହୋଟେଲ ମାଲିକଙ୍କ ବାଇକ ଚୋରି କରିବା ଅଭିଯୋଗରେ ଗୋପାଳପୁର ପୋଲିସ ବୁଧବାର ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଧବାଡି ଗ୍ରାମର ତୋଫାନ ଦାଶ, ସୁଦାମ ଦାଶ ଓ ସୁକାନ୍ତ ନାୟକ । ଏହି ଥାନା ଅନ୍ତର୍ଗତ ମୋହନ ସାହୁଙ୍କର ଜଗନ୍ନାଥପୁର ଛକ ଫୁଡ୍ ଆଣ୍ଡ ଫୁଡ୍ ହୋଟେଲରେ ପୁରୁଷୋତ୍ତମପୁର ଥାନା ଧୋବାଡି ଗ୍ରାମର ତୋଫାନ, ସୁଦାମ ଓ ସୁକାନ୍ତ ଶ୍ରମିକ ଭାବେ କାମ କରୁଥିଲେ। ୧୯ ତାରିଖ ରାତି ପ୍ରାୟ ୧୦ଟାରେ ମୋହନ ନ ଥିବା ସମୟରେ ତାଙ୍କ ବାଇକ୍‌କୁ ଉକ୍ତ ୩ଜଣ ଚୋରି କରି ଚମ୍ପଟ ମାରିଥିଲେ। ମୋହନ ହୋଟେଲକୁ ଆସିବା ପରେ ଖୋଜା ଖୋଜି କରିଥିଲେ ମଧ ବାଇକଟି ମିଳି ନ ଥିଲା । ଏନେଇ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ନଂ. ୪୭/୧୯ରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ମଙ୍ଗଳବାର ସନ୍ଧ୍ୟାରେ ତୋଫାନ, ସୁଦାମ ଓ ସୁକାନ୍ତ ଚୋରି ବାଇକରେ ଧୋବାଡି ଗ୍ରାମକୁ ଆସୁଥିବା ବେଳେ ମୋହନ ଓ ତାଙ୍କ ସାଙ୍ଗ ପାଗଳା ବାବା ଛକ ନିକଟରେ ୩ ଜଣଙ୍କୁ କାବୁ କରି ଗୋପାଳପୁର ଥାନାରେ ଜିମା ଦେଇଥିବା ପୋଲିସ ସୂଚନା ଦେଇଛି ।

### ବ୍ରେକର ମେଶିନ ଚୋରି ମାମଲା
### ଫେରାର ଅଭିଯୁକ୍ତ ଗିରଫ

**ଦିଗପହଣ୍ଡି,୨୪।୪(ଡି.ଏନ.ଏ.):** ଦିଗପହଣ୍ଡି ପୋଲିସ ଭୁବନେଶ୍ୱର ଗାନ୍ଧୀନଗର ଅଞ୍ଚଳର ମୁକେଶ ପ୍ରଧାନଙ୍କୁ ବୁଧବାର ଗିରଫ କରିଛି। ବ୍ରେକର ମେଶିନ ଚୋରି ଅଭିଯୋଗରେ ମୁକେଶଙ୍କୁ ଗିରଫ କରାଯାଇଥିବା ତଦନ୍ତକାରୀ ପୋଲିସ ଅଧିକାରୀ ପ୍ରଶାନ୍ତ କୁମାର ରଥ କହିଛନ୍ତି । ଗତ ୧୭ ତାରିଖରେ ଲଙ୍ଗଳଦେଇ ଗ୍ରାମର ଜଗନ୍ନାଥ ଗୌଡ଼ଙ୍କ ପାଖରେ ରହି କାମ କରୁଥିବା ମୁକେଶ ତାଙ୍କର ପ୍ରାୟ ୨ ଲକ୍ଷ ଟଙ୍କା ମୂଲ୍ୟର ୨ଟି ବ୍ରେକର ମେଶିନକୁ ଚୋରି କରି ଫେରାର ହୋଇଯାଇଥିଲେ । ଜଗନ୍ନାଥଙ୍କ ଏତଲାକ୍ରମେ ପୋଲିସ ନଂ ୮୫/୧୯ ଅନୁଯାୟୀ ଅଭିଯୁକ୍ତଙ୍କ ବିରୋଧରେ ମକଦ୍ଦମା ରୁଜୁ କରାଯାଇଥିଲା। ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ଚୋରି ହୋଇଥିବା ୨ଟି ବ୍ରେକର ମେଶିନକୁ ଜବତ କରାଯାଇଛି । ଗୁରୁବାର ଅଭିଯୁକ୍ତଙ୍କୁ ବ୍ରହ୍ମପୁର କୋର୍ଟକୁ ଚାଲାଣ କରାଯିବ ବୋଲି ଜଣାପଡ଼ିଛି ।

### ପୁଣେରେ ପ୍ରିୟଙ୍କା ମୃତ୍ୟୁ ଘଟଣା: ଅଭିଯୁକ୍ତ ଗିରଫ

ପାତ୍ରପୁର,୨୪।୪(ଡ଼ିଏନଏ): ନିଖୋଜ ପ୍ରିୟଙ୍କା ପ୍ରଧାନଙ୍କ ମୃତଦେହ ପୁଣେର ବନ୍ଦ କୋଠରୀରୁ ମିଳିବା ପରେ ପୁଣେ ପୋଲିସ ତନାଘନା ଆରମ୍ଭ କରିଥିଲା। ଅଭିଯୁକ୍ତ ସିନ୍ଧୁ ପ୍ରଧାନକୁ ଜରଡ଼ା ଥାନା ପୋଲିସ ପୁଣେ ପୋଲିସକୁ ହସ୍ତାନ୍ତର କରିଥିଲା। ପୁଣେ ପୋଲିସ ସିନ୍ଧୁକୁ ନେଇ ମଙ୍ଗଳବାର ପୁନେ ଥାନାରେ ପହଞ୍ଚିବା ପରେ ବୁଧବାର ତଦନ୍ତ ଚଳାଇଥିଲା। ପ୍ରିୟଙ୍କାଙ୍କୁ ସିନ୍ଧୁ ହତ୍ୟା କରିଥିବା ସେଠାକାର ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ପ୍ରିୟଙ୍କାଙ୍କ ସହ ବଚସା ପରେ ସିନ୍ଧୁ ପ୍ରଥମେ ପେଟକୁ ଗୋଇଠା ମାରିଥିଲା ଓ ପରେ ତଣ୍ଟିଚିପି ହତ୍ୟା କରିଥିଲେ। ୧୭ ତାରିଖରେ ହତ୍ୟା ପରେ ସିନ୍ଧୁ ଘରେ ତାଲା ପକାଇ ଚାଲି ଆସିଥିବର ସ୍ୱୀକାର କରିଛନ୍ତି ବୋଲି ପୁନେ ପୋଲିସ କହିଛି। ସିନ୍ଧୁକୁ ଗିରଫ ପରେ ପୋଲିସ ୩୧ ଯାଏ ରିମାଣ୍ଡରେ ନେଇଛି।

## ଆସିକା ଲୋକ ସଭା ନିର୍ବାଚନମଣ୍ଡଳୀ
# ପ୍ରଥମକରି ଦୁଇ ମହିଳା ପ୍ରାର୍ଥୀଙ୍କ ଲଢ଼େଇ ତୀବ୍ର

**ବ୍ରହ୍ମପୁର ଅଫିସ,୨୪।୪**

ଗଞ୍ଜାମ ଜିଲାର ଆସିକା ଲୋକ ସଭା ନିର୍ବାଚନ ମଣ୍ଡଳୀର ୨୦୧୯ ନିର୍ବାଚନରେ ପ୍ରଥମ କରି ଦୁଇ ମହିଳା ଭାଜପାରୁ ଅନିତା ଶୁଭଦର୍ଶିନୀ ଏବଂ ବିଜେଡରୁ ପ୍ରମିଳା ବିଷୋୟୀଙ୍କ ମଧ୍ୟରେ କଡ଼ା ମୁକାବିଲା ହୋଇଛି। ଏହି ଲୋକ ସଭା କ୍ଷେତ୍ର ଅଧୀନ ୭ ବିଧାନସଭା ନିର୍ବାଚନ ମଣ୍ଡଳୀ ମଧ୍ୟରୁ ସାନଖେମୁଣ୍ଡି, କବିସୂର୍ଯ୍ୟନଗର, ଖଲ୍ଲିକୋଟ ଓ ଆସିକାରେ ବିଜେଡିର ୪ ଏବଂ ଖଲ୍ଲିକୋଟ ଆସନରେ ଭାଜପା ଜଣେ ମହିଳା ମଇଦାନକୁ ଓହ୍ଲାଇଛି। ଏହି ୪ ଆସନରେ ମଧ ମୁଖ୍ୟତଃ ବିଜେଡି ଓ ଭାଜପା ମଧ୍ୟରେ ବିଗ୍ ଫାଇଟ୍ ହୋଇଛି । ତେବେ ଲୋକ ସଭା ଆସନର ଭୋଟ ଫଳାଫଳ ଉପରେ ରାଜନୈତିକ ସଚେତନ ମହଲର ନଜର ରହିଛି। ଜାତୀୟ ଦଳ କଂଗ୍ରେସ ଏଥର ପ୍ରାର୍ଥୀ ନ ଦେଇ ବାମଦଳ ସହ ଆସନ ବୁଝାମଣାରେ ସିପିଆଇକୁ ଛାଡ଼ି ଦେଇଥିଲେ ମଧ ଲଢ଼େଇ ଶଙ୍ଖ ଓ ପଦ୍ମ ମଧ୍ୟରେ ହୋଇଥିବା

**ଭୋଟ ଫଳାଫଳ ନେଇ ସମସ୍ତଙ୍କ ନଜର**

ନିର୍ବାଚନୀ ପରବର୍ତ୍ତି ଚର୍ଚ୍ଚା ଚାଲିଛି ।

ପୁରୁଣା ତଥ୍ୟ ଅନୁଯାୟୀ, ୧୯୫୧–୫୨ରୁ ୨୦୧୪ ସୁଦ୍ଧା ହୋଇଥିବା ୧୬ ଲୋକ ସଭା ନିର୍ବାଚନ ମଧ୍ୟରୁ କଂଗ୍ରେସ ପ୍ରାର୍ଥୀମାନେ ୬ ଥର ଏମପି ହୋଇଛନ୍ତି। ସିପିଆଇ ଓ ସ୍ୱାଧୀନ ପ୍ରାର୍ଥୀ ଥରେ ଲେଖାଏ ଏବଂ ଜନତା ଦଳରୁ ୨ ଜଣ ନିର୍ବାଚିତ ହୋଇଛନ୍ତି । ବିଜେଡିରୁ ୪ ଏବଂ ତତ୍କାଳୀନ ଜନତା ପାର୍ଟିରୁ ଜଣେ ଏମ୍‌ପି ହୋଇଥିଲେ । ୧୯୫୭ ନିର୍ବାଚନ ବେଳେ ସେତେବେଳର ଘୁମୁସର ବର୍ତ୍ତମାନର ଆସିକା ଏବଂ ଗଞ୍ଜାମ (ବର୍ତ୍ତମାନର ବ୍ରହ୍ମପୁର)କୁ ନେଇ ଦ୍ୱୈତ ନିର୍ବାଚନ ମଣ୍ଡଳୀ ହୋଇଥିବାରୁ ସ୍ୱାଧୀନ ପ୍ରାର୍ଥୀ ଜିତିଥିଲେ। ୧୯୯୬ରେ ନିର୍ବାଚିତ ହୋଇଥିବା ଜନତା ଦଳ ପ୍ରାର୍ଥୀ ବିଜୁ ପଟ୍ଟନାୟକଙ୍କର ୧୯୯୭ ଏପ୍ରିଲରେ ପରଲୋକ ହୋଇଥିଲା। ସେହି ବର୍ଷ ହୋଇଥିବା ଉପ ନିର୍ବାଚନରେ ନବୀନ ପଟ୍ଟନାୟକ ଜନତା ଦଳରୁ ପ୍ରତିଦ୍ୱନ୍ଦ୍ୱିତା କରି ଲୋକ ସଭାକୁ ନିର୍ବାଚିତ ହୋଇଥିଲେ। ନବୀନ ଏହି ଲୋକ ସଭା କ୍ଷେତ୍ରରେ ରାଜନୈତିକ ଜୀବନ ଆରମ୍ଭ କରିଥିଲେ ।

ସେହିପରି ୧୯୯୯ ନିର୍ବାଚନରେ ବିଜେଡିରୁ ନବୀନ ପଟ୍ଟନାୟକ ନିର୍ବାଚିତ ହୋଇଥିଲେ। ୨୦୦୦ ବିଧାନସଭା ନିର୍ବାଚନରେ ନବୀନ ହିଞ୍ଜିଳିରୁ ନିର୍ବାଚିତ ହୋଇ ମୁଖ୍ୟମନ୍ତ୍ରୀ ହୋଇଥିଲେ। ତେଣୁ ଆସିକା ଲୋକ ସଭା ଉପ ନିର୍ବାଚନରେ ପୂର୍ବତନ ମନ୍ତ୍ରୀ ରାମକୃଷ୍ଣ ପଟ୍ଟନାୟକଙ୍କ ସ୍ତ୍ରୀ କୁମୁଦିନୀ ପଟ୍ଟନାୟକ ବିଜେଡିରୁ ଏମ୍‌ପି ହୋଇଥିଲେ । ସେ ଆସିକା ସଂସଦୀୟ କ୍ଷେତ୍ରର ପ୍ରଥମ ମହିଳା ସଦସ୍ୟା ଥିଲେ । ଧରାକୋଟ ରାଜ ପରିବାରର ଶାନ୍ତି ଦେବୀ ଦୁଇଥର ପ୍ରତିଦ୍ୱନ୍ଦ୍ୱିତା କରି ପରାସ୍ତ ହୋଇଥିଲେ। ଚଳିତ ବର୍ଷର ନିର୍ବାଚନରେ ଦୁଇ ପ୍ରମୁଖ ଦଳ ବିଜେଡି ଓ ଭାଜପା ପକ୍ଷରୁ ଦୁଇ ମହିଳାଙ୍କୁ ପ୍ରାର୍ଥୀ କରାଯାଇ ନୂଆ ଇତିହାସ ସୃଷ୍ଟି କରାଯାଇଛି । ବିଜେଡିର ପ୍ରମିଳାଙ୍କ ପାଇଁ ନିଜେ ମୁଖ୍ୟମନ୍ତ୍ରୀ ଘମାଘୋଟ ପ୍ରଚାର ଓ ସବୁଠି ରୋଡଶୋ କରିଥିବା ବେଳେ ଅନୀତାଙ୍କ ପାଇଁ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ଓ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ଅନ୍ୟ କେନ୍ଦ୍ରମନ୍ତ୍ରୀମାନେ ନିର୍ବାଚନୀ ପ୍ରଚାର କରିଛନ୍ତି । ପୋଲସରା ଅଞ୍ଚଳର ଟାଣୁଆ ନେତା ଓ ୨୦୧୪ ନିର୍ବାଚନର କଂଗ୍ରେସ ପ୍ରାର୍ଥୀ ଗୋକୁଳା ନନ୍ଦ ମଲ୍ଲିକ ଭାଜପାରେ ଯୋଗଦେଇ ଦଳର ପ୍ରାର୍ଥୀ ହୋଇଛନ୍ତି। ପୂର୍ବତନ ବିଧାୟକ ନିରଞ୍ଜନ ପ୍ରଧାନ ଓ ପୂର୍ବତନ ମନ୍ତ୍ରୀ ରାମକୃଷ୍ଣ ପଟ୍ଟନାୟକ ଭାଜପା ପ୍ରାର୍ଥୀଙ୍କ ପାଇଁ ଅଣ୍ଟା ଭିଡ଼ିଥିଲେ । ସୋରଡ଼ାରେ କଂଗ୍ରେସ ନେତା ନୀଳମଣି ବିଷୋୟୀ ଭାଜପାରେ ଯୋଗଦେଇ ବିଧାୟକ ପ୍ରାର୍ଥୀ ହୋଇଛନ୍ତି। ଆସିକା ବିଧାୟକ ଦେବରାଜ ମହାନ୍ତି ବିଜେଡି ଛାଡ଼ି ଭାଜପାରେ ଯୋଗଦେବା ପରେ ସେ ମଧ ଆସିକା ବିଧାୟକ ପ୍ରାର୍ଥୀ ହୋଇଛନ୍ତି। ଏଭଳି ସ୍ଥିତିରେ ପ୍ରମିଳା ଓ ଅନୀତାଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ତୀବ୍ର ହୋଇଥିବାରୁ ମେ ୨୩ ଫଳାଫଳ ଘୋଷଣା ଉପରେ ସମସ୍ତଙ୍କ ନଜର ରହିଛି ।

# ଅଚଳ ହୋଇ ପଡ଼ିଛି ପାନୀୟ ଜଳ ପ୍ରକଳ୍ପ


ଅଚଳ ହୋଇ ପଡ଼ି ରହିଥିବା ପାନୀୟ ଜଳ ପ୍ରକଳ୍ପ।

**ଆର.ଉଦୟଗିରି,୨୪।୪(ଡି.ଏନ.ଏ.)**

ନୂଆଗଡ଼ ଗ୍ରାମରେ ବ୍ଲକ ପକ୍ଷରୁ ୪ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବା ପାନୀୟ ଜଳ ପ୍ରକଳ୍ପ ଦୀର୍ଘଦିନ ଧରି ଅଚଳ ହୋଇ ପଡ଼ିରହିଛି। ବ୍ଲକ ତରଫରୁ ବିଜିୱାଇ ଯୋଜନାରେ ଏକ ବର୍ଷ ତଳେ ନୂଆଗଡ଼ ପାଇଁ ପାନୀୟ ଜଳ ପ୍ରକଳ୍ପର ବ୍ୟବସ୍ଥା ହୋଇଥିଲା। ଏହି ପ୍ରକଳ୍ପରେ ୩ଟି ପଏଣ୍ଟ ଦିଆଯାଇଥିଲା। ଗୋଟିଏ ବ୍ଲକ ନିକଟରେ ଅନ୍ୟଟି ମେଡିକାଲ ନିକଟରେ ଏବଂ ଆଉ ଗୋଟିଏ ପଞ୍ଚାୟତ କାର୍ଯ୍ୟାଳୟ ପାଖରେ ନିର୍ମାଣ କରାଯାଇଥିଲା। ବ୍ଲକ, ତହସିଲ ଓ ମେଡିକାଲ ଆସୁଥିବା ଲୋକମାନଙ୍କ ପାଇଁ ଏହି ପାନୀୟ ଜଳର ବ୍ୟବସ୍ଥା କରାଯାଇଥିଲା। ହେଲେ ପ୍ରକଳ୍ପ ନିର୍ମାଣ ହେବାର କିଛି ମାସ ପରେ ଏହା ଅଚଳ ହୋଇ ପଡ଼ିଛି। ଫଳରେ ପ୍ରବଳ ଖରାରେ ଏଠାକୁ ଆସୁଥିବା ଲୋକମାନେ ପାଣି ପାଇଁ ତହଳ ବିକଳ ହେଉଛନ୍ତି।

ଏ ନେଇ ସ୍ଥାନୀୟ ସରପଞ୍ଚ ମିନ ମଣ୍ଡଳଙ୍କ ସହ ଯୋଗାଯୋଗ କରିବାରୁ ସେ କହିଥିଲେ ଏହି ପ୍ରକଳ୍ପଗୁଡ଼ିକୁ ପଞ୍ଚାୟତକୁ ହସ୍ତାନ୍ତର କରାଯାଇନାହିଁ। ଏହାର ଦାୟିତ୍ୱ ବ୍ଲକ ବହନ କରୁଛି । ଏଥିପାଇଁ ଦାୟିତ୍ୱରେ ଥିବା ବ୍ଲକ କନିଷ୍ଠ ଯନ୍ତ୍ରୀ ପାଢ଼ୀଙ୍କୁ ପଚାରିବାରୁ ମୁଁ ଜାଣିନି ବୋଲି କହିଥିଲେ। ପରେ ପାନୀୟ ଜଳ ଯୋଗାଣ ବିଭାଗର କନିଷ୍ଠ ଯନ୍ତ୍ରୀ ପ୍ରଭାକର ମୁନିଙ୍କୁ ଯୋଗାଯୋଗ କରିବାରୁ ସେ କହିଥିଲେ ଏ ବିଷୟ ମୋ ନଜରରେ ନାହିଁ। ଆପଣ କହିବାନୁଯାୟୀ ତଦନ୍ତ କରି ଅକାମୀ ହୋଇ ପଡ଼ିଥିବା ପ୍ରକଳ୍ପଗୁଡ଼ିକୁ ମରାମତି କରି ଲୋକଙ୍କ କାର୍ଯ୍ୟରେ ବ୍ୟବହାର କରାଯିବ।

# ଭାଜପା କର୍ମୀ ସମ୍ମିଳନୀ

**ଖଇରା,୨୪।୪(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ସାରୁଗାଁ ପଞ୍ଚାୟତର ସ୍ଥାନୀୟ ବଜାରରେ ମଙ୍ଗଳବାର ସନ୍ଧ୍ୟାରେ ଭାଜପାର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ପଞ୍ଚାୟତ ପ୍ରମୁଖ ନୀଳାମ୍ବର ପଣ୍ଡା ଏଥିରେ ପୌରୋହିତ୍ୟ କରିଥିଲେ । ସିମୁଳିଆ ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ପଦ୍ମଲୋଚନ ପଣ୍ଡା ଏଥିରେ ଯୋଗଦେଇ ନରେନ୍ଦ୍ର ମୋଦିଙ୍କୁ ପୁଣିଥରେ ପ୍ରଧାନମନ୍ତ୍ରୀ ଭାବେ ଦେଖିବାକୁ ଏବଂ ଓଡ଼ିଶାରେ ଭାଜପାକୁ କ୍ଷମତାସୀନ କରାଇବାକୁ ଏମ୍‌ପି ପ୍ରାର୍ଥୀ ଅଭିମନ୍ୟୁ ସେଠୀ ଓ ବିଧାୟକ ପ୍ରାର୍ଥୀଙ୍କୁ ଭୋଟ ଦେଇ ଜିତାଇବାକୁ ଅନୁରୋଧ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯଯାତି ଦାସ, ସନ୍ତୋଷ ଶତପଥୀ, ଦୟାନିଧି ନାୟକ


ସାରୁଗାଁରେ ଅନୁଷ୍ଠିତ ଭାଜପା କର୍ମୀ ସମ୍ମିଳନୀ।

ପ୍ରମୁଖ ଯୋଗଦେଇଥିଲେ । ସରୋଜ କୁମାର ବେହେରା, ରବୀନ୍ଦ୍ର ନାୟକ, ତ୍ରିନାଥ ଦାସ, ନାରାୟଣ ଲେଙ୍କା, ସଞ୍ଜୟ କୁମାର ଲେଙ୍କା, ଜୟକୃଷ୍ଣ ଲେଙ୍କା, ମହେନ୍ଦ୍ର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଏକ ଶୋଭାଯାତ୍ରା ଭଞ୍ଜପଦାରୁ ବାହାରି ମିଚୁଆଣି, ନୂଆଗାଁ, ତିଳଦା, କାକୁଡିଆ ଦେଇ ସଭାସ୍ଥଳରେ ପହଞ୍ଚିଥିଲା ।

# ଆଇନଜୀବୀଙ୍କ ପରଲୋକ

**ପୁରୁଷୋତ୍ତମପୁର, ୨୪।୪(ଡି.ଏନ୍.ଏ.)**

ପୁରୁଷୋତ୍ତମପୁର କୋର୍ଟର ବରିଷ୍ଠ ଆଇନଜୀବୀ ତଥା ପ୍ରତାପୁର ଗ୍ରାମର ଉମାଚରଣ ପଟ୍ଟନାୟକଙ୍କ ବୁଧବାର ସକାଳେ ପରଲୋକ ଘଟିଛି। ଜଣେ ସମାଜିକ କର୍ମୀ ଓ ପରୋପକାରୀ ବ୍ୟକ୍ତି ଭାବେ ପରିଚିତ ଉମାଚରଣ ପ୍ରତାପୁର ତୁମ୍ଭେଶ୍ୱର ସେବା ସମବାୟ ସମିତିର ସଭାପତି ରହିଥିଲେ। ପ୍ରତାପୁର ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ମଧ ଥିଲେ। ପୁରୁଷୋତ୍ତମପୁର ଓକିଲ ସଂଘର ସଦସ୍ୟମାନେ ଓ ଅଞ୍ଚଳର ବହୁବ୍ୟକ୍ତି ତାଙ୍କ ଘରକୁ ଯାଇ ଶେଷ ଦର୍ଶନ କରିଥିଲେ।

## ଭାଜପା ଅଭିଯୋଗ ପରେ
# ପୁଣି ସିଲ୍ ହେଲା ବାଲିଗୁଡାର ଷ୍ଟ୍ରଙ୍ଗ୍‌ରୁମ

**ବାଲିଗୁଡା,୨୪।୪(ଡି.ଏନ.ଏ.)**

ବାଲିଗୁଡା ଓ ଜି. ଉଦୟଗିରି ବିଧାନସଭା ନିର୍ବାଚନ ମଣ୍ଡଳୀର ଇଭିଏମଗୁଡିକୁ ବାଲିଗୁଡା ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ଷ୍ଟ୍ରଙ୍ଗରୁମରେ ରଖାଯାଇଥିଲା। ୨୦ରେ ସମସ୍ତ ଦଳର ଏଜେଣ୍ଟ ଉପସ୍ଥିତ ରହି କପଡା ଉପରେ ଦସ୍ତଖତ କରିବା ପରେ ସିଲ କରାଯାଇଥିଲା । ହେଲେ ଭାଜପାର ଏଜେଣ୍ଟ ତଥା ଓକିଲ କ୍ଷମା ସଗର ପ୍ରଧାନ ଏହି କନା ଉପରେ ଜଉମୁଦ ସିଲକୁ ନେଇ ସନ୍ଦେହ କରିଥିଲେ। ପୁଣି ଥରେ ଷ୍ଟ୍ରଙ୍ଗ ରୁମକୁ କାଗଜ ଉପରେ ସମସ୍ତ ଦଳର ଏଜେଣ୍ଟଙ୍କ ଦସ୍ତଖତ ପରେ ସିଲ କରାଯାଉ ବୋଲି ବାଲିଗୁଡା ଉପଜିଲାପାଳଙ୍କ ନିକଟରେ ଦାବି କରିଥିଲେ । ତେଣୁ ଉପଜିଲାପାଳ ସମସ୍ତ ଦଳର ଏଜେଣ୍ଟମାନଙ୍କୁ ଡାକି ଉକ୍ତ ସିଲକୁ ଫିଟାଇ ପୁଣି ଥରେ କାଗଜରେ ସମସ୍ତଙ୍କ ଦସ୍ତଖସ୍ତ କରାଇଥିଲେ । ସେହି କାଗଜ ସିଲ କରାଇ ତାହା ଉପରେ କନା ଗୁଡାଇ ଜଉମୁଦ ଦେଇ ଷ୍ଟ୍ରଙ୍ଗରୁମକୁ ସିଲ କରାଯାଇଛି ।

# 'ନ୍ୟାୟ' ଯୋଜନା କଂଗ୍ରେସ ପ୍ରତି ଆସ୍ଥା ବଢ଼ାଇଛି: ନବଜ୍ୟୋତି

**ବାଲେଶ୍ୱର ଅଫିସ,୨୪।୪**

ଲୋକଙ୍କୁ ରୋଜଗାର ଯୋଗାଇ ଦିଆଗଲେ ଦାରିଦ୍ର୍ୟ ଦୂର ହୋଇପାରିବ। କଂଗ୍ରେସ କ୍ଷମତାକୁ ଆସିଲେ ଏଥିଲାଗି 'ନ୍ୟାୟ' ଯୋଜନା କାର୍ଯ୍ୟକାରୀ କରିବ ବୋଲି ଇସ୍ତାହାରରେ ଘୋଷଣା କରିଛି। ଏହି ଯୋଜନା ପ୍ରତି ଦିନକୁ ଦିନ ଜନସମର୍ଥନ ବୃଦ୍ଧି ପାଇବାରେ ଲାଗିଥିବା ବାଲେଶ୍ୱର ଲୋକ ସଭା ପ୍ରାର୍ଥୀ ନବଜ୍ୟୋତି ପଟ୍ଟନାୟକ କହିଛନ୍ତି।

କଂଗ୍ରେସର ନ୍ୟୂନତମ ଆୟର ଗ୍ୟାରେଣ୍ଟି ସମ୍ପର୍କରେ ଦଳର କର୍ମୀମାନେ ଏବେ ଗାଁ ଗାଁ ବୁଲି ପ୍ରଚାର ଚଳାଇଛନ୍ତି। ବିଭିନ୍ନ ସଭାରେ ଦାରିଦ୍ର୍ୟ ଦୂର କରିବା ଲାଗି କଂଗ୍ରେସର ଆଭିମୁଖ୍ୟ ନେଇ ଲୋକଙ୍କୁ ବୁଝାଯାଉଛି। ନବଜ୍ୟୋତିଙ୍କ ବଳିଷ୍ଠ ନେତୃତ୍ୱ ଏବଂ ବିଧାନସଭା ପ୍ରାର୍ଥୀମାନଙ୍କ ଦ୍ୱାରା ଏ ନେଇ ପ୍ରଚାର ପ୍ରସାର କରାଯିବାରୁ ଜିଲାରେ କଂଗ୍ରେସର ସ୍ଥିତି ସୁଦୃଢ଼ ହୋଇପାରିଛି


କଂଗ୍ରେସ ଏମ୍‌ପି ପ୍ରାର୍ଥୀ ନବଜ୍ୟୋତି ପଟ୍ଟନାୟକ ନିର୍ବାଚନ ପ୍ରଚାର କରୁଛନ୍ତି।

ବୋଲି ଦଳର ପୁରୁଖା କର୍ମକର୍ତ୍ତା କହିଛନ୍ତି। କଂଗ୍ରେସର ନ୍ୟୂନତମ ଆୟର ଗ୍ୟାରେଣ୍ଟି ଯୋଜନାରେ ୨୦ପ୍ରତିଶତ ଅତି ଗରିବ ପରିବାରଙ୍କୁ ବାର୍ଷିକ ୭୨ହଜାର ଟଙ୍କା ଲେଖାଏ ମିଳିବ । ଏଥିସହିତ ମହିଳା ସଶକ୍ତୀକରଣକୁ ଆଖିରେ ରଖି ଏହି ଟଙ୍କା ସମ୍ପୃକ୍ତ ପରିବାରର ମହିଳାଙ୍କ ବ୍ୟାଙ୍କ ଖାତାରେ ଜମା କରାଯିବ। 'ଦାରିଦ୍ର୍ୟକୁ ସମୂଳେ ନାଶ କରିବା ପାଇଁ ଜାତୀୟ କଂଗ୍ରେସର ସଭାପତି ରାହୁଲ ଗାନ୍ଧୀ ଗୁରୁତ୍ୱାରୋପ କରୁଛନ୍ତି । ତାଙ୍କ ଦୂରଦୃଷ୍ଟିସମ୍ପନ୍ନ ଚିନ୍ତାଧାରା ଲୋକଙ୍କ ପାଖରେ ପହଞ୍ଚାଇବା ଲାଗି ଏମ୍‌ପି ପ୍ରାର୍ଥୀ ନବଜ୍ୟୋତି ଦିନରାତି ଏକ କରି ପ୍ରଚାର କାର୍ଯ୍ୟକୁ ଜୋର୍‌ଦାର କରିଛନ୍ତି। କଂଗ୍ରେସ ପ୍ରତି ବାଲେଶ୍ୱରବାସୀଙ୍କ ଦୃଢ଼ ଆସ୍ଥା ରହିଛି ଏବଂ ନିର୍ବାଚନରେ ଏହା ପ୍ରତିଫଳିତ ହେବ ବୋଲି ନବଜ୍ୟୋତି ବିଭିନ୍ନ ପ୍ରଚାର ସଭାରେ ଦୃଢ଼ୋକ୍ତି ପ୍ରକାଶ କରୁଛନ୍ତି। କଂଗ୍ରେସର ପ୍ରଚାର ଶୈଳୀ ଓ ଆଭିମୁଖ୍ୟ ସମ୍ପର୍କରେ ନୀଳଗିରି ବ୍ଲକ ଅଧୀନ ହୁଡ଼ି ବେଗୁନିଆ ଗ୍ରାମର ରବୀନ୍ଦ୍ର ପଲେଇ କହିଛନ୍ତି, ଗରିବ ପରିବାରଙ୍କୁ ମାସିକ ୬ହଜାର ଟଙ୍କା ମିଳିଲେ ଏହା ଦାରିଦ୍ର୍ୟ ଦୂର କରିବାରେ ସହାୟକ ହୋଇପାରିବ। ପୁଣ୍ଡାଳ ଗ୍ରାମର ମୀନାକ୍ଷୀ ଜେନା କହିଛନ୍ତି, ଗରିବ ପରିବାର ପାଖରେ ମୌଳିକ ସୁବିଧା ପହଞ୍ଚିବା ଦରକାର। ରଘୁନାଥପୁର ପଞ୍ଚାୟତର ଦୁଲ୍ଲାରାଣୀ ଘୋଷ ନାରୀ ସଶକ୍ତୀକରଣକୁ ପ୍ରୋତ୍ସାହିତ କରିବା ପାଇଁ 'ନ୍ୟାୟ' ଯୋଜନା ସହାୟକ ହେବ ଏବଂ ଏହା ମହିଳାଙ୍କୁ ସ୍ୱାବଲମ୍ବୀ କରିପାରିବ ବୋଲି କହିଛନ୍ତି। ପାଉଁଶକୁଲି ପଞ୍ଚାୟତର କାଞ୍ଚନବାଳା ମହାନ୍ତି, ଶ୍ୟାମସୁନ୍ଦରପୁରର ରାଧା ମହାନ୍ତି ପ୍ରମୁଖ 'ନ୍ୟାୟ' ଯୋଜନା ଗରିବଙ୍କ ପାଇଁ ଏକ ଯୁଗାନ୍ତକାରୀ ପଦକ୍ଷେପ ହେବ ବୋଲି ମତ ଦେଇଛନ୍ତି।

# ସତ୍ୟସାଇ ସେବା ସମିତିର ସରବତ ବଣ୍ଟନ

**ଫୁଲବାଣୀ ଅଫିସ, ୨୪।୪**

ସତ୍ୟସାଇ ବାବାଙ୍କ ମହାପ୍ରୟାଣ ଦିବସ ଅବସରରେ ସତ୍ୟସାଇ ସେବା ସମିତି ପକ୍ଷରୁ ବୁଧବାର ଗୋପବନ୍ଧୁ ଛକରେ ବାଟୋଇମାନଙ୍କୁ ଦହି ସର୍ବତ ବଣ୍ଟନ କରାଯାଇଛି । ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସମିତିର କେନ୍ଦୁପଦରରେ ଥିବା ବାଳ ବିକାଶ କେନ୍ଦ୍ର ପକ୍ଷରୁ ଏହି କାର୍ଯ୍ୟକ୍ରମ କରାଯାଇଥିଲା। କେନ୍ଦ୍ରର ଗୁରୁ ଶଙ୍କର ନାରାୟଣ ମହାନ୍ତି, ଆବାହକ ସୁରେନ୍ଦ୍ର ପାଢୀ, ଉପେନ୍ଦ୍ର ନାଥ ମହାନ୍ତି, ସାଇ ଚନ୍ଦନ ମହାନ୍ତିଙ୍କ ନେତୃତ୍ୱରେ ଛାତ୍ରୀଛାତ୍ରମାନେ ବାଟୋଇମାନଙ୍କୁ ଦହି ସର୍ବତ ବଣ୍ଟନ କରିଥିଲେ ।


ସରବତ ବଣ୍ଟନ କରାଯାଉଛି ।

# ନଳକୂପରୁ ବାହାରୁଛି ଗୋଳିଆ ପାଣି

**ବେଗୁନିଆପଡ଼ା,୨୪।୪(ଡ଼ିଏନଏ)**

ଗ୍ରୀଷ୍ମର ରୌଦ୍ରତାପ ଯୋଗୁ ଦିନକୁ ଦିନ ଜଳସ୍ତର କମିବାକୁ ବସିଲାଣି। ଫଳରେ ଅନେକ ସ୍ଥାନରେ ପାନୀୟ ଜଳ ଘୋର ଅଭାବ ଦେଖାଦେଇଛି। ଏହିଭଳି ଏକ ଘଟଣା ଦେଖିବାକୁ ମିଳିଛି ଗଞ୍ଜାମ ଜିଲା ବେଗୁନିଆପଡ଼ା ବ୍ଲକ ବୁରୁଝରି ନୂଆଗାଁରେ। ଗ୍ରାମର ଶ୍ରୀରାମ ସାହି ବାସିନ୍ଦା ବାରମ୍ବାର ଅଭିଯୋଗ କରିବା ପରେ ଗତ ୬ ମାସ ତଳେ ସାହିରେ ଗୋଟିଏ ନଳକୂପ ଖନନ କରାଯାଇଥିଲା । ତେବେ ଦୁଃଖର ବିଷୟ ଏହି କୂପରୁ ଗୋଳିଆ ପାଣି ବାହାରବାରୁ ତାହା ବ୍ୟବହାର ଉପଯୋଗୀ ହେଲାନାହିଁ। ଏହା ପରେ ପୁଣି ସାହିବାସିନ୍ଦା ବିଭାଗୀୟ ଅଧିକାରୀ ମାନଙ୍କୁ ଜଣାଇ ଥିଲେ ମଧ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଫଳରେ ବାଧ୍ୟ ହୋଇ ଲୋକେ ପୋଖରୀ ପାଣି ବ୍ୟବହାର କରୁଛନ୍ତି। ଏ ସମ୍ପର୍କରେ ଜଳ ଓ ପରିମଳ କନିଷ୍ଠ ଯନ୍ତ୍ରୀ (୧୧)ଏ. ରାମା ରାଓଙ୍କୁ ଯୋଗଯୋଗ କରିବାରୁ ସେ କହିଲେ ଏ ସମ୍ପର୍କରେ ଆମକୁ କେହି କହି ନାହାଁନ୍ତି। ଗୁରୁବାର ମରାମତି ପାଇଁ ଗାଡି ଓ ଷ୍ଟାଫ ପଠାଇ ବ୍ୟବସ୍ଥା କରୁଛି।


ନଳକୂପରୁ ବାହାରୁଥିବା ଗୋଳିଆ ପାଣି।

## ମଣ୍ଡି ଖୋଲିବାର ମାସେ ପୂରିଲା, କିଣାଯାଉନି ହଳଦୀ
# ଚାଷୀ ହନ୍ତସନ୍ତ, ଆନ୍ଦୋଳନ ଚେତାବନୀ

**ଦାରିଙ୍ଗବାଡ଼ି,୨୪।୪(ଡି.ଏନ.ଏ)**

କନ୍ଧମାଳ ହଳଦୀର ଚାହିଦା ବିଶ୍ୱସ୍ତରରେ ରହିଛି। ବ୍ୟବସାୟୀ ଏବଂ ଦଲାଲଙ୍କ କବଳରୁ ହଳଦୀ ଚାଷୀଙ୍କୁ ମୁକ୍ତ ରଖିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଦାରିଙ୍ଗବାଡ଼ିଠାରେ ମାର୍ଚ୍ଚ ୧୯ରେ ଏକ ମଣ୍ଡି ଖୋଲାଯାଇଥିଲା। ପ୍ରତି ମଙ୍ଗଳବାର ଧାର୍ଯ୍ୟ ଦିନ ପ୍ରକାରେ ହଳଦୀ କିଣାଯାଉଥିଲା । ଉଦ୍‌ଘାଟନୀ ତଥା ପ୍ରଥମ ମଙ୍ଗଳବାର ୨୫ କୁଇଣ୍ଟାଲ ହଳଦୀ କିଣାଯାଇଥିଲା। ହେଲେ ଗତ କିଛି ସପ୍ତାହ ହେଲା ଚାଷୀମାନେ ମଣ୍ଡିକୁ ହଳଦୀ ନେଇ ଆସୁଥିଲେ ମଧ ବିଭିନ୍ନ କାରଣ ଦର୍ଶାଇ ତାହା କିଣା ଯାଉନ ଥିବା ବେଳେ ଗତ ମଙ୍ଗଳବାର କିଣା ସମ୍ପୂର୍ଣ୍ଣ ବନ୍ଦ କରି ଦିଆଯାଇଛି । ଫଳରେ ଚାଷୀମାନେ ହଇରାଣ ହେବା ସହ ବାରଦ୍ୱାର ବୁଲି ପୁଣି ଶସ୍ତାରେ ହଳଦୀ ବିକ୍ରି କରିବାକୁ ବାଧ ହେଉଥିବା ଅଭିଯୋଗ କରିଛନ୍ତି। ହେଲେ ମଣ୍ଡିରେ କିଣା ବନ୍ଦ ଯୋଗୁ ଚାଷୀ ପୁଣି ବ୍ୟବସାୟୀ ଏବଂ ଦଲାଲ୍‌ଙ୍କୁ ଶସ୍ତାରେ ହଳଦୀ ଦେଉଥିବା ଅଭିଯୋଗ ହେଉଛି । ହଳଦୀ ବଜାରରେ କେଜି ପ୍ରତି ଦର ୫୦ରୁ ୫୪ଟଙ୍କା ରହିଥିବା ବେଳେ ସରକାର ୬୦ ଟଙ୍କା ଦର ଧାର୍ଯ୍ୟ କରିଥିବା ଟିକାବାଲି ନିୟନ୍ତ୍ରିତ ବଜାର କମିଟି (ରାଇକିଆ) ସମ୍ପାଦକ ସୁରେଶ ଚନ୍ଦ୍ର ବେହେରା କହିଛନ୍ତି।

ହଳଦୀ ଉଚ୍ଚ ଦରରେ କିଣିବା ପାଇଁ କୌଣସି ବ୍ୟବସାୟୀ ମଣ୍ଡିରେ ଅଂଶ ଗ୍ରହଣ କରୁ ନ ଥିବା ବେଳେ କେବଳ କନ୍ଧମାଳ ଆପେକ୍ସ ସ୍ପାଇସେସ ଆଶୋସିଏଶନ ଫର ମାର୍କେଟିଂ (କସମ) ପକ୍ଷରୁ କିଣାଯାଉଛି । କସମ ନିକଟରେ ଏବେ ହଳଦୀ କିଣିବା ପାଇଁ ଅର୍ଥ ଅଭାବ ଦେଖାଯାଇଛି । କେବଳ ରାଇକିଆ ବ୍ଲକରେ କସମ ପ୍ରାୟ ୪୬ ଲକ୍ଷ ଟଙ୍କା ଚାଷୀଙ୍କୁ ଦେବାକୁ ଥିବା ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକ ବେହେରା କହିଛନ୍ତି। ଅନ୍ୟପକ୍ଷରେ କସମର ସମ୍ପାଦକ ସଞ୍ଜିତ କୁମାର ପଟ୍ଟନାୟକ କହିଛନ୍ତି, ରାଇକିଆ ବ୍ଲକ ଅଞ୍ଚଳରେ ୬୦ଲକ୍ଷ ଟଙ୍କା ରହିଥିଲା । ଏବେ ସେଥିରୁ ଅଧା ପୈଠ କରାଯାଇଛି। ଖୁବ୍‌ଶୀଘ୍ର ବଳକା ଅର୍ଥ ପୈଠ କରାଯିବାକୁ ବ୍ୟବସ୍ଥା କରାଯାଉଛି । ତେବେ ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଓ କସମ ସମ୍ପାଦକଙ୍କ ମତାମତରେ କୌଣସି ତାଳମେଳ ରହୁ ନ ଥିବାରୁ ଚାଷୀଙ୍କ ହଳଦୀ କିଣାବିକାରେ କିଭଳି କାର୍ଯ୍ୟ ସମ୍ପାଦନା କରାଯାଉଛି ତାହା ଏଥିରୁ ସ୍ପଷ୍ଟ ଜଣାପଡୁଛି। ସେହିପରି କସମର ଉଦ୍ୟାନ ବିଭାଗ ନିକଟରେ ଏକ କୋଟି ୧୦ଲକ୍ଷ ଏବଂ କୃଷି ବିଭାଗରେ ପ୍ରାୟ ୯୦ ଲକ୍ଷ ମିଳିବାକୁ ଅଛି । ଉକ୍ତ ଅର୍ଥ ଆସିଲେ ହଳଦୀ କିଣାଯିବ। ଏଥିପାଇଁ କନ୍ଧମାଳ ଜିଲାପାଳଙ୍କ ସହାୟତା ଲୋଡାଯାଇଛି। କସମ ପକ୍ଷରୁ ୩ ହଜାର ମେଟ୍ରିକ ଟନ୍ ହଳଦୀ କିଣାଯିବା ଲକ୍ଷ୍ୟ ରହିଥିବା ବେଳେ ଏବେ ସୁଦ୍ଧା ମାତ୍ର ୫ ଶହ ମେଟ୍ରିକ ଟନ ହଳଦୀ କିଣା ଯାଇଥିବା କସମ ସମ୍ପାଦକ ପଟ୍ଟନାୟକ କହିଛନ୍ତି।

ସୂଚନାଯୋଗ୍ୟ, ଟିକାବାଲି ନିୟନ୍ତ୍ରିତ ବଜାର କମିଟି (ରାଇକିଆ) ପକ୍ଷରୁ ଅଧ୍ୟକ୍ଷ ତଥା ବାଲିଗୁଡ଼ା ଉପଜିଲାପାଳ ସିନ୍ଧେ ଦତ୍ତାତ୍ରୟ ବାହୁସାହେବ ଦାରିଙ୍ଗବାଡ଼ିରେ ଗତ କିଛ ମାସ ତଳେ ବ୍ୟବସାୟୀଙ୍କୁ ନେଇ ବୈଠକ କରିବା ସହ ମଣ୍ଡିରେ ହଳଦୀ କିଣିବା ପାଇଁ ପରାମର୍ଶ ଦେଇଥିଲେ। ପଞ୍ଜୀକୃତ ବ୍ୟବସାୟୀମାନେ ପଞ୍ଜୀକୃତ ଚାଷୀଙ୍କଠାରୁ ହଳୀ କିଣିବା ପାଇଁ କୁହାଯାଇଥିଲା। ତେବେ ଉଚ୍ଚ ଦର ଯୋଗୁ କୌଣସି ବ୍ୟବସାୟୀ ଏଥିରେ ଅଂଶ ଗ୍ରହଣ କରୁନାହାନ୍ତି। ଏ ନେଇ କମିଟିର ଅଧ୍ୟକ୍ଷ ତଥା ଉପଜିଲାପାଳଙ୍କ ସହ ଯୋଗାଯୋଗ କରିବାରୁ ସେ ଏହାକୁ ସ୍ୱୀକାର କରିବା ସହ ବ୍ୟବସାୟୀମାନେ ମଣ୍ଡିକୁ ଆସୁ ନ ଥିବା କହିଛନ୍ତି। କୌଣସି ବ୍ୟବସାୟୀ ମଣ୍ଡି ବ୍ୟତୀତ ବାହାରୁ କିମ୍ବା କୌଣସି ଦୋକାନରୁ ହଳଦୀ କିଣିଲେ ଇନଫୋର୍ସମେଣ୍ଟ ଟିମ୍ ଦ୍ୱାରା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଚାଷୀ ବ୍ୟବସାୟୀଙ୍କୁ ହଳଦୀ କମ୍ ଦରରେ ବିକ୍ରି କଲେ ମଧ ଠିକ ଭାବେ ଟଙ୍କା ପାଉଛନ୍ତି। ମଣ୍ଡିରେ ଠିକ ଭାବେ ହଳଦୀ କିଣାଯାଉନି କି ଟଙ୍କା ମିଳୁ ନ ଥିବା ଅଭିଯୋଗ କରିଛନ୍ତି ଆଞ୍ଚଳିକ ହଳଦୀ ଚାଷୀ ମହାସଂଘର ସମ୍ପାଦକ ବୁଲୁ ଡିଗଲ। ମଣ୍ଡିରେ ଉଚିତ ମୂଲ୍ୟ ଦେବା ଓ ସମସ୍ତ ଚାଷୀଙ୍କୁ ଠିକ୍ ଭାବେ ଅର୍ଥ ପ୍ରଦାନ କରାଯାଉ ବୋଲି ସେ କହିଛନ୍ତି। ନଚେତ ପୁଣି ଚାଷୀ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ ହେବେ ବୋଲି ସେ କହିଛନ୍ତି।

